

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୫ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 August 2024

Vol.No. 35 ■ No.220 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଷ୍ଟ୍ର ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବାର୍ତ୍ତା



ନୂଆଦିଲ୍ଲୀ, ୧୪/୮ : ଆସନ୍ତାକାଲି ଦେଶ ପାଳିବ ୭୮ତମ ସ୍ୱାଧୀନତା ଦିବସ। ୭୮ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ନିଜ ଅଭିଭାଷଣରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଛନ୍ତି। ଏଥିସହ ଅର୍ଥ, କ୍ରୀଡ଼ା ଓ ଭିତ୍ତିଭୂମି କ୍ଷେତ୍ରରେ ଭାରତ ହାସଲ କରିଥିବା ସଫଳତାକୁ ପ୍ରଶଂସା କରିଛନ୍ତି। ଏହାବାଦ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଭୂମିକା ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ଦେଶରେ ପ୍ରଣୟନ କରାଯାଇଥିବା ନୂଆ ଅପରାଧିକ ଆଇନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି। ସେ କହିଛନ୍ତି, "ତିଲକ ମାଞ୍ଝୀ, ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାଏକ ଓ ଫୁଲୋ ଝାନୋଙ୍କ ଭଳି ଅନେକ ଆଦିବାସୀ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିଲେ। ଏବେ ସେମାନଙ୍କୁ ପ୍ରଶଂସା କରାଯାଉଛି। ଆମେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରୁଛୁ। ଆସନ୍ତା ବର୍ଷ ତାଙ୍କର ୧୫୦ତମ ଜନ୍ମ ଦିନ ପାଳନ କରାଯିବ।" ସେ ଆହୁରି କହିଛନ୍ତି, "ଦେଶ ବିଦେଶରେ ଆମେ ସ୍ୱତନ୍ତ୍ରତା ଦିବସ ପାଳନ କରିବାକୁ ଯାଉଛୁ। ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ପାଇଁ ପ୍ରଣାମ କରିବା। ଆଜିର ଦିନରେ ଦେଶ ବିଭାଜନ ହୋଇଥିଲା। ଏହି କ୍ଷତ ଏଯାଏ ମନରୁ ଲିଭିନି। ଏବେ ବି ସେଗୁଡ଼ିକ ତାଜା ହୋଇ ରହିଛି। ନିକଟରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଛି। ଏଥିପାଇଁ ମତଦାତା, ସୁରକ୍ଷାକର୍ମୀ, ନିର୍ବାଚନ କମିଶନ ପ୍ରଶଂସାର ପାତ୍ର। ଗରିବୀ ହଟାଇବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମହାମାରୀ କରୋନା ସମୟରେ ପ୍ରଧାନମନ୍ତ୍ରୀ ଅନ୍ନ କଲ୍ୟାଣ ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ ଦିଆଯାଇଥିଲା। ଏବେ ବି ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଲୋକମାନେ ମାଗଣାରେ

▶▶ପୃଷ୍ଠା ୬

## ଭିକେ ପାଣ୍ଡିଆନ୍‌ଙ୍କ ନାଁରେ ଥାନାରେ ଏତଲା ଦେଲେ ଆଇନଜୀବି



ଭୁବନେଶ୍ୱର: ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ୫ଟି ଅଧ୍ୟକ୍ଷ ଭୈରବ କାର୍ତ୍ତିକ ପାଣ୍ଡିଆନଙ୍କ ବିରୁଦ୍ଧରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଥାନାରେ ଏତଲା ହୋଇଛି। ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ସୁଧୀର ଚରଣ ମହାନ୍ତି ଏହି ଏତଲା ଦେଇଛନ୍ତି। ଶ୍ରୀ ମହାନ୍ତି, ଥାନାର ଦ୍ୱାରସ୍ଥ ହୋଇ କହିଛନ୍ତି, ଭିକେ ପାଣ୍ଡିଆନ୍ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପ୍ରାୟ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ଖଣି ମାଫିଆ ତଥା ଜମି ମାଫିଆ ଓ ପାଣି ମାଫିଆଙ୍କ ଠାରୁ ସେ ଶହଶହ କୋଟି ଟଙ୍କା ନେଇ ଖର୍ଚ୍ଚ କରୁଥିଲେ। ପାଣ୍ଡିଆନଙ୍କ ଯୋଗୁଁ ଏ ଦେଶ ପଛେଇ ଯାଇଛି। ସେ ଦିନକୁ ଆଗେଇବା ପାଇଁ ବହୁତ ଦିନ ଲାଗିଯିବ। ଏଭଳି ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ

▶▶ପୃଷ୍ଠା ୬

## ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ହମଲା: ସେନା ଅଧିକାରୀ ସହିଦ




ନୂଆଦିଲ୍ଲୀ, ୧୪/୮ : ଜମ୍ମୁ କାଶ୍ମୀରରେ ସର୍ଚ୍ଚ ଅପରେସନ ବେଳେ ବଡ଼ ଅଘଟଣ । ୪୮ ରାଷ୍ଟ୍ରୀୟ ରାଇଫଲର ଜଣେ କ୍ୟାପଟେନ ସହିଦ୍ ହୋଇଥିବା ସୂଚନା ମିଳିଛି । ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଏହି ଅଘଟଣ ଘଟିଛି । ସୂଚନା ଅନୁସାରେ ଜମ୍ମୁ କାଶ୍ମୀରର ଡୋଡା ଜିଲ୍ଲାର ଅସାର ଅଞ୍ଚଳର ଘଞ୍ଚ ଜଙ୍ଗଲ ଭିତରେ ଏକ ମିଳିତ ସର୍ଚ୍ଚ ଅପରେସନ ଚାଲିଥିଲା । ଶିବଗଡ-ଆସାର ଅଞ୍ଚଳରେ ୪ଜଣ ଆତଙ୍କବାଦୀ ଲୁଚିଥିବା ଖବର ପାଇ ମିଳିତ ଭାବେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଏଇ ସମୟରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସେନା ଯବାନମାନେ ପାଲଟା ଗୁଳି ଚାଳନା କରିଥିଲେ । ଏନକାଉଣ୍ଟର ସମୟରେ ଜଣେ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ଏଥିରେ ଜଣେ ଆର୍ମି କ୍ୟାପଟେନ ସହିଦ ହୋଇଛନ୍ତି । ତେବେ ମୃତ ଆର୍ମି କ୍ୟାପଟେନଙ୍କ ପରିଚୟ ମିଳି ପାରିନାହିଁ ।

## ରାଜ୍ୟସଭା ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି: ସେପ୍ଟେମ୍ବର ୩ରେ ଭୋଟ

ଭୁବନେଶ୍ୱର, ୧୩/୮ (ନି.ପ୍ର): ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ପ୍ରକାଶ ପାଇଛି ବିଜ୍ଞପ୍ତି। ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ସମେତ ୯ ରାଜ୍ୟର ୧୨ ଆସନରେ ହେବ ଉପନିର୍ବାଚନ। ଆସନ୍ତା ୨୧ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଛି। ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ୨୭ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ସେପ୍ଟେମ୍ବର ୩ ତାରିଖରେ ରାଜ୍ୟସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେହିଦିନ ସନ୍ଧ୍ୟା ୫ଟାରେ ଭୋଟ ଗଣତି କରାଯାଇ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ସୂଚନାଯୋଗ୍ୟ, ଗତ ଜୁଲାଇ ୩୧ ତାରିଖରେ ରାଜ୍ୟସଭା ସାଂସଦ ପଦ ସହ ବିଜେଡିରୁ ଇସ୍ତଫା ଦେଇଥିଲେ ମମତା ମହାନ୍ତ। ଖାଲିପଡ଼ିଥିବା ଓଡ଼ିଶାର ଏହି ପଦବୀ ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବ। କିଏ ରାଜ୍ୟସଭା ଯିବେ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ରାଜ୍ୟସଭା ସାଂସଦ ରେସରେ ସବୁଠାରୁ ଆଗରେ ରହିଛି ବିଜେପିରେ ସାମିଲ ହୋଇଥିବା ମମତା ମହାନ୍ତଙ୍କ ନାଁ।


DADLS-21

ସତ୍ୟମେବ ଜୟତେ



ପବିତ୍ର ସ୍ୱାଧୀନତା ଦିବସ-୨୦୨୪ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR: 15001/13/0060/2425



DADLS-21

ଓଡ଼ିଶା ସରକାର



ପବିତ୍ର ସ୍ୱାଧୀନତା ଦିବସ-୨୦୨୪ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆସନ୍ତୁ ଏକ ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୁଖ୍ୟମନ୍ତ୍ରୀ, ଓଡ଼ିଶା)

OIPR: 15001/13/0060/2425

# ୭୮ତମ ସ୍ୱାଧୀନତା ଦିବସ ଓ ଆମ ଜାତୀୟ ଗୌରବର ତିନି ପ୍ରତୀକ

**ରୋହିତ ଶତପଥି**



ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରିତୀ ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ୱଳିତ କରିଥାଏ।

ଜାତୀୟ ପତାକାର ଇତିହାସ : ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ଅଗଷ୍ଟ ୭ ତାରିଖରେ କୋଲକାତାର ପାର୍ସି ବାଗାନ ଛକ (ଗ୍ରୀନ୍ ପାର୍କ)ରେ ଉତ୍ତୋଳନ କରାଯାଇଥିଲା । ଏହି ପତାକାରେ ଥିଲା ନାଲି, ହଳଦିଆ ଓ ସବୁଜ ରଙ୍ଗର ଭୂସମାନ୍ତର ପଟି । ଦ୍ୱିତୀୟ ପତାକାଟି ପ୍ରଥମ ପତାକା ଭଳି ହୋଇଥିଲେ ହେଁ ଉପର ପଟି ଉପରେ ସପ୍ତର୍ଷି ଭଳି ସାତଟି ତାରା ଚିହ୍ନ ରହିଥିଲା । ଏହାକୁ ପ୍ରଥମ ଥର ପ୍ୟାରିସ୍‌ରେ ଉତ୍ତୋଳନ କରାଯାଇଥିଲା ଓ ବର୍ଲିନରେ ଏକ ସମାଜବାଦୀ ସମ୍ମିଳନୀରେ ପ୍ରଦର୍ଶନ କରାଯାଇଥିଲା । ଭାରତର ତୃତୀୟ ପତାକାଟି ୧୯୧୭ ମସିହାରେ ସ୍ୱରାଜ ଆନ୍ଦୋଳନ ସମୟରେ ଡକ୍ଟର ଆନି ବେସାନ୍ତ ଓ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଦ୍ୱାରା ପ୍ରଥମେ ଉତ୍ତୋଳନ କରାଯାଇଥିଲା । ଏଥିରେ ପାଞ୍ଚଟି ନାଲି ରଙ୍ଗ ଓ ଚାରିଟି ସବୁଜ ରଙ୍ଗର ପଟି ଭୂସମାନ୍ତର ଭାବେ ରହିଥିଲା । ଏହା ଉପରେ ସାତଟି ତାରକା ଚିହ୍ନ ସପ୍ତର୍ଷି ମଣ୍ଡଳ ପରି ଅଙ୍କା ଯାଇଥିଲା । ଉପରେ ବାମ କୋଣରେ ୟୁନିଅନ୍ ଜ୍ୟାକ୍ ଚିହ୍ନ ଥିବାବେଳେ ଡାହାଣ ପଟେ ଧଳାର ଅର୍ଦ୍ଧଚନ୍ଦ୍ରରେ ତାରା ଚିହ୍ନ ଥିଲା । ଏହାପରେ ୧୯୨୧ ମସିହା ବିଜ୍‌ୱାଡ଼ା (ବର୍ତ୍ତମାନର ବିଜୟୱାଡ଼ା ନାମରେ ପରିଚିତ) ଠାରେ ସର୍ବଭାରତୀୟ କଂଗ୍ରେସ କମିଟି ସମ୍ମିଳନୀରେ ଆନ୍ଧ୍ରରେ ଜଣେ ଯୁବକ ଗୋଟିଏ ଜାତୀୟ ପତାକା ତିଆରି କରି ଗାନ୍ଧିଜୀଙ୍କୁ ଦେଇଥିଲେ । ଏଥିରେ ଥିଲା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ପ୍ରତୀକ ନାଲି ତଥା ସବୁଜ ରଙ୍ଗର ପଟି । ଏହାପରେ ଭାରତରେ ବାସ କରୁଥିବା ଅନ୍ୟାନ୍ୟ ସମସ୍ତ ସମ୍ପ୍ରଦାୟର ପ୍ରତୀକ ଭାବେ ଗାନ୍ଧିଜୀ ଏହାର ମଝିରେ ଧଳା ପଟି ଓ ଜାତୀୟ ପ୍ରଗତିର ଚିତ୍ର ଆଙ୍କିବାକୁ ପ୍ରସ୍ତାବ ଦେଇଥିଲେ । ୧୯୩୧ ମସିହାରେ ଜାତୀୟ ପତାକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । ଏକ ତ୍ରିରଙ୍ଗା ପତାକାକୁ ଆମର ଜାତୀୟ ପତାକା ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ପତାକାରେ ଥିଲା କେଶର, ଧଳା ଓ ସବୁଜ ରଙ୍ଗର ପଟି ସହ ମଝିରେ ଏକ ଅରଟ ଚିତ୍ର । ପରିଶେଷରେ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଅରଟ ଚିହ୍ନ ଥିବା ଏହି ତ୍ରିରଙ୍ଗା ପତାକାକୁ ଭାରତୀୟ ସାମ୍ବିଧାନିକ ସଭା ସ୍ୱାଧୀନ ଭାତର ଜାତୀୟ ପତାକା ଭାବେ ସ୍ୱୀକୃତି ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଏହି ତ୍ରିରଙ୍ଗା ପତାକା ହେଲା ଜାତୀୟ ପତାକା । କେବଳ ମଝିରେ ଅରଟ ଚିହ୍ନ ପରିବର୍ତ୍ତେ ରହିଲା ଅଶୋକ ଚକ୍ର । ଏହି ତ୍ରିରଙ୍ଗା ପତାକା ବର୍ତ୍ତମାନ ଆମ ଦେଶର ଜାତୀୟ ପତାକା ଓ ଆମ ସ୍ୱାଧୀନତାର ପରିଚୟ ।

ତିନି ରଙ୍ଗର ମହତ୍ତ୍ୱ : ଏହି ତ୍ରିରଙ୍ଗା କେବଳ ତିନିଟି ରଙ୍ଗ ନୁହେଁ । ଏହି ତିନିଟି ରଙ୍ଗ ଆମ ଦେଶର ତିନି ଶକ୍ତି । କେଶର ରଙ୍ଗ ହେଉଛି ଆମ ଦେଶର ଶକ୍ତି ଓ ସାହାସର ପ୍ରତୀକ, ଧଳା ରଙ୍ଗ ଶାନ୍ତି ଓ ସତ୍ୟର ଚିହ୍ନ ଓ ସବୁଜ ରଙ୍ଗ ଆମ ମାଟିର ସବୁଜିମା ବୃଦ୍ଧି, ଉର୍ବରତା ଓ ସଫଳତାକୁ ସୂଚାଏ । ଅଶୋକ ଚକ୍ର ହେଉଛି ନ୍ୟାୟ ଓ ଧର୍ମର ଚକ୍ର ବା ପ୍ରତୀକ । ଦେଶ ସ୍ୱାଧୀନ ହେବାର କିଛି ବର୍ଷ ପରେ ଆମ ଭାରତୀୟ ସମ୍ବିଧାନ ପ୍ରତ୍ୟେକ କାର୍ଯ୍ୟାଳୟ, ଘର, ଶିକ୍ଷାନୁଷ୍ଠାନମାନଙ୍କରେ ପତାକା ଉତ୍ତୋଳନ କରାଯାଇପାରିବ ବୋଲି ସ୍ୱୀକୃତି ଦେଇଥିଲେ ।

ଆମ ତ୍ରିରଙ୍ଗା : ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଶୌର୍ଯ୍ୟ, ଆକାଂକ୍ଷା ଓ ମୁକ୍ତଚେତନାର ପ୍ରତୀକ ଆମ ଦେଶର ଜାତୀୟ ପତାକାଟିକୁ ତିଆରି କରିଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ ଓ ଭାରତର ସ୍ୱାଧୀନ ହେବାର କିଛି ଦିନ ପରେ ଅର୍ଥାତ୍ ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ଆମ ଭାରତୀୟ ସମ୍ବିଧାନ ଦେଇଛି ସ୍ୱୀକୃତି । କେଶର, ଧଳା ଓ ସବୁଜ - ଏହି ତିନିଟି ରଙ୍ଗର ସମୀକରଣ ଥିବା ଭୂସମାନ୍ତର ତ୍ରିରଙ୍ଗା ପତାକା ଓ ପତାକା ମଝିରେ ଥିବା ଗୋଟିଏ ଅଶୋକ ଚକ୍ର ହେଉଛି ଭାରତୀୟ ଜାତୀୟ ପତାକା।

ଆମ ଜାତୀୟ ପତାକା ତ୍ରିରଙ୍ଗାର ଉପର ଅଂଶ ଗାଢ଼ ନାରଙ୍ଗୀ ଓ ତଳ ଗାଢ଼ ସବୁଜ ଏବଂ ମଝିରେ ଘନ ନୀଳ ଚକ୍ର ଶୋଭିତ ଧଳା ପଟି, ନାରଙ୍ଗୀ ସାମର୍ଥ୍ୟ ଓ ସାହାସ, ଧର୍ମଚକ୍ର ଓ ଧଳା ଶାନ୍ତି ଏବଂ ସତ୍ୟ, ସବୁଜ ଭୂଖଣ୍ଡର ଉର୍ବରତା, ଅଭିବୃଦ୍ଧି ଓ ପବିତ୍ରତାର ପ୍ରତୀକ। ସେହିପରି ଜାତୀୟ ସଙ୍କେତରେ ଅଶୋକ ସ୍ତମ୍ଭର ତ୍ରିଶିଙ୍ଗ ହେଉଛି ଆମ ଜାତୀୟ ସଙ୍କେତ ଯାହା ଏକ ସ୍ୱାଧୀନ ରାଷ୍ଟ୍ରର ଶାସନତନ୍ତ୍ରର ପ୍ରତୀକ। ଭାରତୀୟ ଜାତୀୟ ସଙ୍କେତରେ ରହିଛି ତିନୋଟି ସିଂହ, ଦକ୍ଷିଣରେ ଅଶ୍ୱ, ବାମରେ ବୃଷଭ ଓ ମଝିରେ ଗୋଟିଏ ଚକ୍ର। ବୃଷଭ କଠିନ ଶ୍ରମ ଓ କର୍ତ୍ତବ୍ୟନିଷ୍ଠତା ଏବଂ ଅଶ୍ୱ ଆନୁଗତ୍ୟ, କ୍ଷୀପ୍ରତା ଓ ଶୌର୍ଯ୍ୟର ସଙ୍କେତ। ତିନୋଟି ସିଂହ ଶାନ୍ତି, ନ୍ୟାୟ ଓ ସହନଶୀଳତାର ପ୍ରତୀକ। ଦେବନାଗରୀ ଲିପିରେ ଲିଖିତ ମୁଣ୍ଡକ ଉପନିଷଦ ତଥା ବେଦର ଶେଷ ପଂକ୍ତି 'ସତ୍ୟମେବ ଜୟତେ' ଅର୍ଥାତ୍ ସତ୍ୟର ହିଁ ବିଜୟ ହୁଏ। ଭାରତର ଜାତୀୟ ସଙ୍ଗୀତ ଜନଗଣମନ ଅଧିନାୟକକୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଲେଖିଥିଲେ। ୧୯୧୧ ଡିସେମ୍ବର ୧୧ରେ ଲିଖିତ ଏହାର ଅନ୍ତଃସ୍ୱରଟି ଭାରତର ସାଂସ୍କୃତିକ, ଐତିହ୍ୟର ମୂଳପିଣ୍ଡ ବିବିଧତା ମଧ୍ୟରେ ଏକତା ଭାବଧାରା ଉପରେ ଆଧାରିତ। ୧୯୫୦ ଜାନୁଆରୀ ୨୪ ତାରିଖ ଦିନ ସମ୍ବିଧାନ ସଭା ଜନଗଣମନ ଭାରତର ଜାତୀୟ ସଙ୍ଗୀତ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ଭାରତର ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସମଗ୍ର ଦେଶବାସୀଙ୍କୁ ମୋର ଅଭିନନ୍ଦନ।

+ଟାଟାନଗର, ଝାଡ଼ଖଣ୍ଡ

# ସ୍ୱାଧୀନତାର ଅନୁଶୀଳନ

**ଡକ୍ଟର ଲକ୍ଷ୍ମଣ ସାହୁ**

ଜ୍ଞାନୀ ପଣ୍ଡିତ ଓ ଦାର୍ଶନିକମାନେ କହିଛନ୍ତି ଯେ ପ୍ରକୃତ ସୁଖ ପାଇବା ପାଇଁ ଜଣେ ବ୍ୟକ୍ତି ନିଜ ସହିତ ରହିବା ଆବଶ୍ୟକ । ଯେକୌଣସି ବାହ୍ୟ ସମର୍ଥନ ଦ୍ୱାରା ପ୍ରାପ୍ତ ସୁଖ ଅସ୍ଥାୟୀ, କାରଣ ସେହି କାରଣଗୁଡ଼ିକ ଦୂର ହେବା ମାତ୍ରେ ସୁଖ ଦୁଃଖ କିମ୍ବା ଅବସାଦରେ ପରିଣତ ହେବାକୁ ଲାଗେ । ଏହା ମଧ୍ୟ ବାସ୍ତବରେ ସତ । କିନ୍ତୁ ନିଜକୁ ଖୁସି କରିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି 'ସ୍ୱାଧୀନତା' । ଯାହା ତିନୋଟି ରୂପରେ ହାସଲ ହୁଏ , ଯଥା ଅର୍ଥନୈତିକ, ସାମାଜିକ ଓ ପରିବାରକୁ ନେଇ । ନିଜକୁ ଖୁସି ରଖିବା ପାଇଁ ଏହା ଏକ ବଡ଼ ପ୍ରୟାସ । ଯଦି କେହି ଏହି ତିନୋଟି ରୂପର ସ୍ୱାଧୀନତା ପାଏ ନାହିଁ, ତେବେ ସେହି ବ୍ୟକ୍ତିର ମନ ସବୁବେଳେ ଅସ୍ଥିର ରହେ। ଏପରିକି ଚାପଗ୍ରସ୍ତ ହୋଇପଡ଼େ । ଯାହାଫଳରେ ତାଙ୍କ ଖୁସିରେ ବାଧା ସୃଷ୍ଟି ହୋଇଥାଏ । ପ୍ରକୃତରେ ତାଙ୍କ ଖୁସି ହେବାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯାଏ । ଏହାର ଅର୍ଥ ହେଉଛି ସୁଖ ତାଙ୍କ ନିକଟରେ ପହଞ୍ଚି ପାରେ ନାହିଁ।

ମଣିଷ ଏକ ସାମାଜିକ ପଶୁ । ପ୍ରତ୍ୟେକ ସମାଜର ନିଜସ୍ୱ ପାରମ୍ପରିକ ଆଦର୍ଶ ଓ ଆଶା ପୁଞ୍ଜିଭୂତ ହୋଇ ଥାଏ । ଯାହା ବ୍ୟକ୍ତିର ନିରପେକ୍ଷ ଚିନ୍ତାଧାରା ଓ କାର୍ଯ୍ୟ ଉପରେ ଚାପ ପକାଇଥାଏ । ସାଧାରଣତଃ ଲୋକଙ୍କ ଚିନ୍ତାଧାରା ପୂର୍ବ ଧାରଣାକୁ ନେଇ ଏହା ସ୍ଥିର ହୋଇଛି । ବେଳେ ବେଳେ ବିଭିନ୍ନ ସମ୍ମିଳନୀଗୁଡିକ ଅନୁସରଣ କରେ । ଯଦି କୌଣସି ବ୍ୟକ୍ତିକୁ ସେମାନେ ବିରୋଧ କରିବା କିମ୍ବା ସେହି ବ୍ୟକ୍ତି ଉପରେ ଆକ୍ରମଣ କରନ୍ତି , ତେବେ ବ୍ୟକ୍ତିର ସ୍ୱାଧୀନତା ଲୋପ ପାଇଯାଏ । ବିଶେଷ କରି ବିଭିନ୍ନ ସମ୍ମିଳନୀ ଓ ପରମ୍ପରାକୁ ଅନୁକରଣ କରିବା ପାଇଁ ଅଯଥା ଚାପ ପକାଇ ପରାମର୍ଶ ଦିଆଯାଏ । ଯାହା ବ୍ୟକ୍ତି ଉପରେ ମାନସିକସ୍ତରରେ ଚାପ ସୃଷ୍ଟି କରିଥାଏ । ତେଣୁ ତା'ର ସୁଖ ଓ ଆଶାକୁ ମଧ୍ୟ ସମ୍ମାନ କରିବାକୁ ପଡିବ । ଯାହା ଦ୍ୱାରା ସେମାନଙ୍କ ସହିତ ତାର ସୁସମ୍ପର୍କ ଆନ୍ତରିକତା ସୁଦୃଢ଼ ରହିବ ।

ସଂପର୍କରେ ଥିବା ବ୍ୟକ୍ତି କିଏ ଜାଣେ ମଧୁରତା ବଜାୟ ରଖିବା ପାଇଁ କେତେ ଲୋକଙ୍କୁ ଏତେ ବଡ଼ ତ୍ୟାଗ କରିବାକୁ ପଡିବ । ଯଦିଓ ଜଣେ ବ୍ୟକ୍ତି ନିଜ ଆଭ୍ୟନ୍ତରୀଣ ସୁଖ ପାଇଁ ନିଜ ପ୍ରିୟଜନଙ୍କୁ ଅବହେଳା କରେ, ତାହା ସ୍ୱାଧୀନତା ନୁହେଁ । ବରଂ ସ୍ୱାର୍ଥ ବୋଲି କୁହାଯିବ । କିନ୍ତୁ ଏହାକୁ ଯଦି ସେ ଅସ୍ୱୀକାର କରେ ନାହିଁ , ଏହି କାରଣଗୁଡ଼ିକ ବାଧାପ୍ରାପ୍ତ ହୋଇ ଅକାରଣ ପାଲଟି ଯାଏ । ଆହୁରି ମଧ୍ୟ ଯଦି ସେ କାହା ଉପରେ ନିର୍ଭରଶୀଳ, ତଥାପି ସେ ଏହାକୁ ସୁଖ ପଥରେ ଏକ ପ୍ରତିବନ୍ଧକ ବୋଲି କୁହାଯାଇପାରେ । ଜଣେ ଆର୍ଥିକ ସ୍ୱାଧୀନ ବ୍ୟକ୍ତି ନିଜେ ଯେକୌଣସି ନିଷ୍ପତ୍ତି ପାଇଁ ବିନିଯୋଗର ଆର୍ଥିକ ଆବଶ୍ୟକତା ପୂରଣ କରିପାରନ୍ତି । ଯେତେବେଳେ ଜଣେ ବ୍ୟକ୍ତି ଆର୍ଥିକ ସମସ୍ୟା ବିଷୟରେ ଚିନ୍ତା କରେ ନାହିଁ, ସେ ମାନସିକ ସ୍ତରରେ ଅଧିକ ଶାନ୍ତ ସୁସ୍ଥ ମତରେ ସନ୍ତୁଷ୍ଟ ରୁହନ୍ତି । ଏହା ଯେଉଁ କାରଣରୁ ହେଉନା କାହିଁ ତାଙ୍କର ଏହି ବିଶ୍ୱାସ ହେତୁ ସେ ଆତ୍ମ ସମ୍ମାନର ଅଭାବ ଅନୁଭବ କରିବା ଆରମ୍ଭ କରନ୍ତି । ଯାହା ଫଳରେ ତାଙ୍କ ଠାରେ ନକାରାତ୍ମକ ଚିନ୍ତାଧାରା ଦେଖିବାକୁ ମିଳେ । ଆଦର୍ଶବୋଧ ମଧ୍ୟ ତାଙ୍କ ଆତ୍ମ-ସୁଖକୁ ଅବରୋଧ କରିବା ଆରମ୍ଭ କରିଦିଏ । ଜଣଙ୍କର ସୁଖ ବଜାୟ ରଖିବା ପାଇଁ ସ୍ୱାଧୀନତା ହାସଲ କରିବା କେବଳ ନିରନ୍ତର ପ୍ରୟାସ ଦ୍ୱାରା ସମ୍ଭବ । ଯାହା ବ୍ୟକ୍ତିଗତ, ଅର୍ଥନୈତିକ, ସାମାଜିକ ଓ ପରିବାର ସ୍ତରରେ କାର୍ଯ୍ୟକାରୀ ହୋଇପାରିବ । ମନର ପ୍ରଫୁଲ୍ଲତା ସାମଗ୍ରିକ ମାନସିକ ସ୍ୱାସ୍ଥ୍ୟରେ ଢଙ୍ଗ ଉନ୍ନତି ହୁଏ ।

ବାସ୍ତବରେ କହିବାକୁ ଗଲେ ସ୍ୱାଧୀନତା ଜଣେ ବ୍ୟକ୍ତିକୁ ତାଙ୍କର ପ୍ରାଥମିକତା ଅନୁଯାୟୀ ସମୟ ଓ ଶକ୍ତି ପରିଚାଳନା କରିବାକୁ ଅନୁମତି ଦେଇଥାଏ । ଯାହା ତାଙ୍କ ଚାପକୁ ହ୍ରାସ କରିଥାଏ । କିନ୍ତୁ ଯଦି ସେ ଏହି ତିନୋଟି ପ୍ରକାରର ସ୍ୱାଧୀନତା ମଧ୍ୟରୁ କୌଣସି ଗୋଟିଏ ବି ପାଇ ନ ଥାନ୍ତି । ତେବେ ତାଙ୍କ ମନରେ ଏକ ସନ୍ଦେହ ସୃଷ୍ଟି ହେବାକୁ ଲାଗେ । ଆଗରୁ ସୂଚେଇ ଦିଆଯାଇଛି ଯେ ସେତେବେଳେ ସେ ନିଜ ଉପରେ ଆତ୍ମବିଶ୍ୱାସ ରଖିବାକୁ ଅସମର୍ଥ ହୁଏ । ଏପରିକି ନିଜର ଭାରସାମ୍ୟ ହରାଇ ବସେ । ସେତେବେଳେ ସେ ନିଜକୁ କମ୍ ଆତ୍ମବିଶ୍ୱାସ ଅନୁଭବ କରିବା ଆରମ୍ଭ କରନ୍ତି ଓ ଏହି ନକାରାତ୍ମକ ଚିନ୍ତାଧାରା ମଧ୍ୟ ଆତ୍ମ-ସୁଖକୁ ଅବରୋଧ କରିବା ଆରମ୍ଭ କରେ । ଜଣଙ୍କର ସୁଖ ବଜାୟ ରଖିବା ପାଇଁ ସ୍ୱାଧୀନତା ହାସଲ କରିବା ଅପରିହାର୍ଯ୍ୟ ?। କେବଳ ସ୍ଥାୟୀ ପ୍ରୟାସ ଦ୍ୱାରା ଏହା ସମ୍ଭବ । ଯାହା କେବଳ ବ୍ୟକ୍ତିଗତ ଅର୍ଥନୈତିକ, ସାମାଜିକ ଓ ପରିବାର ଦ୍ୱାରା ସଫଳ ହୋଇପାରିବ।

ଏହି ଆଧାରରେ କାର୍ଯ୍ୟକାରୀ ହେଲେ ବ୍ୟକ୍ତି ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହେ । ସ୍ୱାଧୀନ ଭାବରେ ଚିନ୍ତା କରିବା ଓ ନିଷ୍ପତ୍ତି ନେବାରେ ସକ୍ଷମ ହେବାକୁ, ଶିକ୍ଷଣ ପ୍ରକ୍ରିୟାକୁ କେବେବି ବନ୍ଦ କରିବା ଆବଶ୍ୟକ ନୁହେଁ । ଜଣେ ବ୍ୟକ୍ତି ସର୍ବଦା ଏକ ସକରାତ୍ମକ ମନୋଭାବ ଗ୍ରହଣ କରିବା ଉଚିତ । ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରହିବା ଉଚିତ୍ । ସେହି ସମୟରେ ଧ୍ୟାନ ଯୋଗ ମାଧ୍ୟମରେ ଆତ୍ମା-ହୃଦୟଙ୍ଗମ କରି ଆତ୍ମା-ଉନ୍ନତି ଉପରେ ଧ୍ୟାନ ଦେବା ଉଚିତ୍ । କେବଳ ଆପଣଙ୍କର ନୁହେଁ, ଅନ୍ୟମାନେ ମଧ୍ୟ ଏସବୁ କରିବା ଅଧିକାର ଅଛି। ଏହି ସତ୍ୟକୁ ବୁଝି, ଅନ୍ୟମାନଙ୍କର ଅଧିକାରକୁ ମଧ୍ୟ ସମ୍ମାନ କରିବାର ଆବଶ୍ୟକତା ଅଛି । ସାମାଜିକ ଭାବରେ ବିଭିନ୍ନ ସମ୍ପ୍ରଦାୟ ଓ ଗୋଷ୍ଠୀ ସହିତ ଜଡିତ ହୋଇ ନିଜ ଭାବନାକୁ ମୁକ୍ତ ଭାବରେ ପ୍ରକାଶ କରିବା ଆବଶ୍ୟକ । ଯଦି ଜଣେ ନିଜକୁ ନିଜ ପାଖରେ ରଖିପାରିବ , ତେବେ ସାମାଜିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ଏକ ବୃଦ୍ଧି ପାଇବାରେ ସାହାଯ୍ୟ କରି ପାରିବ। ଯାହା ଫଳରେ ସ୍ୱାଧୀନତାର ବିଭିନ୍ନ ପରିମାଣ ବିଷୟରେ ସମସ୍ତଙ୍କର ବୁଝାମଣା ମଧ୍ୟ ସ୍ପଷ୍ଟ ହୋଇଯିବ।

ଅନ୍ୟମାନଙ୍କର ସ୍ୱାଧୀନତା ପାଇଁ ସମାନ୍ତରାଳ ଭାବେ ସମ୍ମାନ ଦେବା ଆବଶ୍ୟକ । ଜଣେ ଏହା କରିବା ପାଇଁ ପରିପକ୍ୱତା ହାସଲ କରେ । ପରିବାର ହେଉଛି ସମାଜର ଏକ ଏକକ ଶିକ୍ଷଣୀୟ କେନ୍ଦ୍ର ବିନ୍ଦୁ ?। ଯେତେବେଳେ ଲୋକମାନେ ଖୋଲା ଖୋଲି ଭାବରେ ଓ ସଚ୍ଚୋଟ ମନରେ କର୍ମ କରନ୍ତି, ତେବେ ସେ କ୍ଷେତ୍ରରେ ପରସ୍ପରର ଭାବନା ପାଇଁ ଆଲୋଚନା ଓ ସମ୍ମାନ, ପାରସ୍ପରିକ ବୁଝିମଣା ଓ ସହଯୋଗ ନିଶ୍ଚିତ ଭାବରେ ବୃଦ୍ଧି ପାଇବ । ବ୍ୟକ୍ତି ନିଜ ସମୟର ସଠିକ୍ ପରିଚାଳନା ମଧ୍ୟ ପରିବାର ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରି ଭିତରର ସୁଖ ବଜାୟ ରଖିବାରେ ସାହାଯ୍ୟ କରିବ । ଧ୍ୟାନ ଓ ଯୋଗ ମଧ୍ୟ ମାନସିକ ଶାନ୍ତି ସ୍ୱାଧୀନତାକୁ ପ୍ରୋତ୍ସାହିତ କରେ । ସ୍ୱାଧୀନତାର ପରିସର ବଢାଇବାକୁ, ଜଣଙ୍କର ପ୍ରାଥମିକତା ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ମଧ୍ୟ ବୁଝିବା ଆବଶ୍ୟକ ରହିଛି ।

ତେଣୁ ସେଗୁଡିକ ନିର୍ଣ୍ଣୟ ଓ ସଂପୂର୍ଣ୍ଣ କରିବା ପାଇଁ ନିୟମିତ ପ୍ରୟାସ କରାଯିବା ଉଚିତ୍ । ବ୍ୟକ୍ତିଗତ ସ୍ୱାଧୀନତାର ଆବଶ୍ୟକତା ବିଷୟରେ ଅନ୍ୟ ଲୋକଙ୍କୁ ବୁଝାଇବା ପରିବର୍ତ୍ତେ, ସେହି ଦିଗରେ ଅଧିକ ପ୍ରୟାସ ଜାରି ରଖିବା ଭଲ । ସ୍ୱାଧୀନତାର ସର୍ତ୍ତଗୁଡିକ ନିଜେ ସୃଷ୍ଟି କରି ଆଗକୁ ଗଲେ ଆମେ ଆଧାତ୍ମିକ ଭାବରେ ଖୁସି ରହିପାରିବା ଓ ପରିବେଶର ଯତ୍ନ ନେଲେ ଆମକୁ ସକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ କରିପାରିବା , ଯାହା ହେବ ଆଜିର ପବିତ୍ର ସ୍ୱାଧୀନତା ଦିବସୀୟ ଅନୁଶୀଳନ , ଅନୁଚିନ୍ତନ ଓ ସଂକଳ୍ପ..!!!

+ ଉ ତାରା ନିଳୟ , ପ୍ଲଟ: ୮୫୪/ଏ
ଚାଚେରା ଶବରସାହି, ମୁକୁନ୍ଦ ପ୍ରସାଦ,
ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪୭୫



# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ

## 'କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି.....'

**ଡ଼ଃ ଅରୁନ୍ଧତୀ ଦେବୀ**



ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ। ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ। ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି। ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ। ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ। ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ। ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

କର୍ଣ୍ଣାଟକର ହୁବଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ। ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା। ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା। ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ। ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା। ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା। କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା। ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା। ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା।

ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା। ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ। ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ। ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ। ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ। କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଂଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ। ଗାନ୍ଧୀ ଓ ଅନ୍ୟ ପ୍ରତିନିଧିମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା। ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ୍ୟ ପାଇ ନିଜକୁ ଧନ୍ୟ ମଣିଥିଲେ। ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ। ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା। ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ। ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - 'କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ'। ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - 'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ'।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୫ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 August 2024

Vol.No. 35 ■ No.220 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



DADLS-23



# ବିକଶିତ ଓଡ଼ିଶା:
## ବିକାଶର ପରିଭାଷା

- ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ଭାବାବେଗକୁ ସମ୍ମାନ ଜଣାଇ ଖୋଲିଲା ପୁରୀ ଶ୍ରୀମନ୍ଦିରର ୪ ଦ୍ୱାର।
- ଶ୍ରୀଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି।
- ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଲୋକଙ୍କ ବଜେଟ୍ ୨୦୨୪-୨୫ରେ ମହିଳା ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ।
- ଚଳିତ ବଜେଟ୍‌ରେ ମହିଳା ମାନଙ୍କ ପାଇଁ ୧୭,୯୪୨ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା, ଯାହା ବିଗତ ବଜେଟ୍‌ରୁ ୧୮ ପ୍ରତିଶତ ଅଧିକ।
- ଆଗାମୀ ୫ ବର୍ଷରେ ରାଜ୍ୟର ଯୁବକଯୁବତୀ ମାନଙ୍କ ବ୍ୟାପକ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟିର ପ୍ରକ୍ରିୟା ଆରମ୍ଭ।
- ଅଗ୍ନିବୀରଙ୍କ ପାଇଁ ରାଜ୍ୟର ସବୁ ୟୁନିଫର୍ମ ସେବାରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନ ସଂରକ୍ଷଣ।
- ସମୃଦ୍ଧ କୃଷକ ଯୋଜନାରେ ୫୦୦୦ କୋଟି ଟଙ୍କାର ବ୍ୟୟବରାଦ ଏବଂ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟର ବ୍ୟବସ୍ଥା।
- ରାଜ୍ୟ ହେବ ମିଲେଟ୍ ଉତ୍ପାଦନର ହବ୍।
- ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡର କାର୍ଯ୍ୟକାରିତା।
- ଶ୍ରମିକ ବହୁବିଧ କଲ୍ୟାଣ ପାଇଁ ପ୍ରତିବଦ୍ଧତା।
- ଜଳ ଜୀବନ ମିଶନ ଦ୍ୱାରା ଘରେ ଘରେ ଏବଂ ସାର୍ବଜନୀନ ସ୍ଥାନରେ ନିରାପଦ ବିଶୁଦ୍ଧ ପାନୀୟ ଜଳ ଯୋଗାଣ।
- ଜନଜାତି ବହୁଳ ପଞ୍ଚାୟତ ହାଟ ଗୁଡ଼ିକର ଉନ୍ନତିକରଣ, ଜଙ୍ଗଲଜାତ ଦ୍ରବ୍ୟ ଓ ଉଦ୍ୟାନ ଉତ୍ପାଦ ଗୁଡ଼ିକର ସଂଗ୍ରହ ଓ ବିକ୍ରୟ।
- ପେସା ଆଇନର କାର୍ଯ୍ୟାନ୍ୱୟନ ମାଧ୍ୟମରେ ଜନଜାତି ମାନଙ୍କର ସାମଗ୍ରିକ ବିକାଶ।
- ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦ୍ୱାରା ରାଜ୍ୟବାସୀ ପାଇବେ ନିଃଶୁଳ୍କ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଗୁରୁତର ରୋଗର ନିଦାନ ସୁବିଧା ଓ ଚିକିତ୍ସା କ୍ଷେତ୍ରରେ ଆର୍ଥିକ ସୁରକ୍ଷା।
- ଓଡ଼ିଶା ହସ୍ତଶିଳ୍ପ ଡିଜାଇନ୍ ବ୍ୟାଙ୍କ୍ ପ୍ରତିଷ୍ଠା ଦ୍ୱାରା ପାରମ୍ପରିକ କାରିଗର ମାନଙ୍କ ଦକ୍ଷତାର ମାନ ବୃଦ୍ଧି।
- ୨୦୩୬ ମସିହା ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜନ।
- ଶିକ୍ଷାର ଗୁଣବତ୍ତା ଓ ବିଦ୍ୟାଳୟ ଗୁଡ଼ିକର ଉତ୍କର୍ଷ ସାଧନ ପାଇଁ ପିଏମ୍-ଶ୍ରୀ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପ୍ରଚଳନ।
- ଜନଜାତି ଛାତ୍ରଛାତ୍ରୀଙ୍କର ଡ୍ରପ୍-ଆଉଟ୍ ହାର କମାଇବା ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା।



**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

iprodisha  IPR_Odisha  iprodisha

OIPR : 15001/13/0078/2425

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର ♣ ଗୁରୁବାର, ୧୫ ଅଗଷ୍ଟ , ୨୦୨୪

# ସ୍ୱାଧୀନତା ଦିବସ ବିଶେଷାଙ୍କ

## ଆମ ଗର୍ବ ଓ ଗୌରବର ପ୍ରତୀକ



**ରଶ୍ମୀ ସାମଲ**

ସ୍ୱାଧୀନତା ଦିବସ ଆମ ସ୍ୱାଧୀନ ରାଷ୍ଟ୍ରର ଗର୍ବ ଓ ଗୌରବର ପ୍ରତୀକ। ସ୍ୱାଧୀନତା ଶବ୍ଦଟି ସମସ୍ତଙ୍କ ପାଇଁ ସୁନ୍ଦର ଓ ସ୍ୱାଗତ ଯୋଗ୍ୟ। ପରାଧୀନତା ବହୁତ କଷ୍ଟ ଦାୟକ। ମନୁଷ୍ୟ ସ୍ୱାଧୀନ ଭାବରେ ଜନ୍ମ ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ସ୍ୱାଧୀନ ଭାବରେ ଜୀବନ ଧାରଣ କରିବାକୁ ଚାହେଁ। ଏହା ତାର ଜନ୍ମ ଗତ ଦାବି। ଏହି ସ୍ୱାଧିନତା ଯଦି କୌଣସି କାରଣରୁ ଚାଲିଯାଏ। ସେ ହୁଏ ପରାଧୀନ। ଅନ୍ତରାତ୍ମା ତାର ବିଜପି ଉଠେ ସେ ସ୍ୱାଧୀନତା ପାଇଁ ସଶସ୍ତ୍ର ସଂଗ୍ରାମ କରିବାକୁ ବାହାରି ପଡେ। ଆମ ଏହି ଭାରତ ଭୂମି ପବିତ୍ର ସମୃଦ୍ଧ ରତ୍ନଗର୍ଭା ଉଚ୍ଚ ସଂସ୍କୃତି ସମ୍ପନ ଏହାକୁ ସୁନାର ଭାରତ ବୋଲି କୁହାଯାଏ। ବୈଦେଶିକ ଶାସକ ମାନେ ସଦା ସର୍ବଦା ଏହା ଉପରେ ଲୋଲୁପ ଦୃଷ୍ଟି ପକାଇ ଆସିଛନ୍ତି। ଅତୀତରେ ବହୁବାର ଏ ମାତୃଭୂମି ସେମାନଙ୍କର ଅଧିକୃତ ହୋଇଛି। ମୋଗଲ ମାନେ ଏ ଦେଶକୁ ୧୫୨୬ ଖ୍ରୀଷ୍ଟାବ୍ଦରୁ ଦଖଲ କରି ଦୀର୍ଘ ଦିନ ଧରି ଶାସନ କରିଛନ୍ତି ଓ ଦମନ ମଧ ଚଳାଇଛନ୍ତି। ସୁନା ରୁପା ହୀରା ଲୀଳା ମୋତି ମାଣିକ୍ୟ ଇତ୍ୟାଦି ଅମୂଲ୍ୟ ଧାତୁ ସବୁ ନିଜ ଦେଶକୁ ବୋହି ନେଇଛନ୍ତି। ତା ପରେ ଇଂରେଜ ମାନେ ବାଣିଜ୍ୟ କରିବା ନାଁରେ ଆମକୁ ଶାସନ ଚଳାଇଛନ୍ତି। ଏହି ପବିତ୍ର ସମୃଦ୍ଧ ଭୂମି ଯେତେବେଳେ ଗୋରା ଇଂରେଜ ସରକାରଙ୍କର କ୍ରୁର ଶାସନ କବଳରେ କବଳିତ ହୋଇଥିଲା। ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି। ପ୍ରତିବାଦରେ ଲାଠି ପ୍ରହାର ଗୁଳି ମାଡ଼ ଜେଲଦଣ୍ଡ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡିଛି। ସେହି ଲୋମ ହର୍ଷଣ କାରୀ ଦିନ ଗୁଡିକ ମନରେ ବହ୍ନି ଜଳାଉଛି। ଏହା ସତ୍ତ୍ୱେ ଆମ ଦେଶର ସାହାସି ଦେଶପ୍ରେମୀ ମାନେ ମାତୃଭୂମିକୁ ଇଂରେଜ ଶାସନରୁ ମୁକ୍ତି କରାଇବା ପାଇଁ ବ୍ରିଟିଶ ଫରଜ ଆଗରେ ଠିଆ ହୋଇଛି। ବହୁ ମହାପୁରୁଷ ମାନଙ୍କ ବହୁତ ବର୍ଷର କଠିନ ପରିଶ୍ରମ ଦୃଢ ଆତ୍ମବଳ ଏବଂ ଅଦମ୍ୟ ସାହସର ପ୍ରତିବନ୍ଧକରେ ଆଜିର ଦିନ ଅର୍ଥାତ ଅଗଷ୍ଟ ପନ୍ଦର ୧୯୪୭ ରେ ଆମ ଦେଶ ସ୍ୱାଧୀନତା ପାଇଥିଲା। ସେହି ବିର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନକୁ ସମ୍ମାନ ଦେବା ପାଇଁ ପ୍ରତିବର୍ଷ ଆମେ ଏହି ଦିବସ ପାଳନ କରିଥାଉ। ପ୍ରଥମେ ବିପ୍ଳବ ଆରମ୍ଭ ହୋଇଥିଲା ମଙ୍ଗଳ ପାଣ୍ଡେଙ୍କ ଠାରୁ। ଏହା ପରେ ସେ ବିପ୍ଳବ ଅଗ୍ନିଶମ ହୋଇ ଖେଳିଗଲା ସମଗ୍ର ଦେଶରେ। ଭଗତ ସିଂ ଖୁଦଦୀରାମ ଚନ୍ଦ୍ର ବୋଷ ଆଜାଦଙ୍କ ଭଳି କେତେ ଯୁବକ ଏହି ଅଗ୍ନିରେ ଲମ୍ଫ ପ୍ରଦାନ କରିଥିଲେ। ସେ ଅଗ୍ନିର ତାତି ବଢି ଚାଲିଲା କିନ୍ତୁ କମିଲାନି। ନେତାଜୀଙ୍କ ଦୃଢ ମନୋବଳ ଗାନ୍ଧିଜୀଙ୍କ ଅଂହିସା ନୀତି ବଳରେ ଆମ ଦେଶ ଶେଷରେ ସ୍ୱାଧୀନ ହେଲା। ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ ଧାର ଥିଲେ। ସତେ କି ସେମାନଙ୍କୁ ତଡିଦେବା ପାଇଁ ଆମ ଦେଶକୁ ସ୍ୱର୍ଣ ମୟ କରିବା ପାଇଁଏହି ଦୁର୍ଦ୍ଦିନକୁ ଦୂର କରିବା ପାଇଁ ଜନ୍ମ ହୁଅନ୍ତି ବହୁ ମହାପୁରୁଷ। ଦେଶ ପାଇଁ ପ୍ରାଣ ବଳି ଦେବାକୁ ପଛାଇନାହାନ୍ତି। ଏହି ସ୍ୱାଧୀନତା ଦିବସ ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ପର୍ବ ଓ ଗୌରବର ଦିନ। ସ୍ୱାଧୀନତା ବିନା ସ୍ୱାଧୀନତା ଦିବସର କଳ୍ପନା କରାଯାଇ ପାରେ ନାହିଁ। ସୁତରାଂ ଯୁଗେ ଯୁଗେ ପରାଧୀନ ଜାତି ସ୍ୱାଧୀନତାର ସ୍ୱାଦ ଚାଖିବା ପାଇଁ ବିଦେଶୀ ଶକ୍ତି ବିରୋଧରେ ବହୁ ସଂଗ୍ରାମ କରିଛନ୍ତି ମହାନ ନେତା ମାନେ। ଇତିହାସ ଏହାର ସାକ୍ଷ ପ୍ରମାଣ ଦିଏ। ଯେଉଁ ସବୁ ମହାପୁରୁଷଙ୍କ ଲାଗି ଆମ ଦେଶ ଆଜି ସ୍ୱାଧୀନତାର ସ୍ୱାଦ ଚାଖୁଛି ସେମାନେ ଗାନ୍ଧୀ, ନେହେରୁ, ସୁବାସ ବୋଷ, ଓ ଗୋପବନ୍ଧୁ ପରି ମହାନ ନେତାଙ୍କ ପରି ଅନେକଙ୍କ ବଳିଦାନ।ସ୍ୱାଧୀନତା ନିମିତ୍ତ ନିଜ ଜୀବନକୁ ବାଜି ଲଗାଇ ଏହାର ନେତୃତ୍ୱ ଦିଅନ୍ତି। ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ସହସ୍ର ଜନତା ସହିଦ ହୁଅନ୍ତି। ସେମାନଙ୍କର ସାଧନା ତ୍ୟାଗ ତିତୀକ୍ଷାଓ ଆଦର୍ଶର ଅମର କାହାଣୀ ସ୍ମରଣ କରି ଉଦବୁଦ୍ଧ ହେବା ପାଇଁ ସ୍ୱାଧୀନତାର ସୁରକ୍ଷା ଓ ଜାତୀୟ ପତାକାର ଗୌରବ ବୃଦ୍ଧି ସମ୍ପର୍କରେ ଅବଗତ ହେବାକୁ ସ୍ୱାଧୀନତା ଦିବସ ସୁଯୋଗ ଏହିପରି ଭାରତୀୟ ମାନେ ଦୀର୍ଘ କାଳର ପରାଧୀନତାରୁ ମୁକ୍ତି ପାଇଁ ଇଂରେଜ ଶକ୍ତି ସହିତ ମୁକାବିଲା କରି ଯେଉଁ ଦିନ ସେମାନଙ୍କର ଚିର ଇପ୍ସିତ ସ୍ୱାଧୀନତା ଆଣିଥିଲେ। ସେହି ମହାନ ଦିନଟି ହେଉଛି ୧୯୪୭ ମସିହା ଅଗଷ୍ଟ ମାସ ପନ୍ଦର ତାରିଖ। ପ୍ରତିବର୍ଷ ଅଗଷ୍ଟ ମାସ ପନ୍ଦର ତାରିଖରେ ଆବାଳ ବୃଦ୍ଧ ବନିତା ସ୍ୱାଧୀନତା ଦିବସ ଆନଂଦ ଉତ୍ସାହ ମଧରେ ପାଳନ କରୁଛନ୍ତି। ଏହା ଭାରତର ଏକ ପ୍ରଧାନ ଜାତୀୟ ଉତ୍ସବ। ଆକୁମାରି ହିମାଳୟ ଭାରତର ସର୍ବତ୍ର ଏହି ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୁଏ। ପୁର ପଲ୍ଲୀ ଠାରୁ ସହର ସବୁଠାରେ ସ୍ୱାଧୀନତା ଦିବସ ଉତ୍ସବର ଆନନ୍ଦ ତରଙ୍ଗ ଉଠୁଥାଏ। ସ୍କୁଲ କଲେଜ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକ ନାନା ଭାବରେ ସଜା ସଜି



ହୋଇଥାଏ। ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପୋଷାକ ପିନ୍ଧି ସ୍କୁଲରେ ଏକତ୍ର ହୁଅନ୍ତି। ଛାତ୍ର ଛାତ୍ରୀଙ୍କ କଣ୍ଠରେ, ବନ୍ଦେ ମାତରମ, ସ୍ୱାଧୀନ ଭାରତର ଜୟ, ଧ୍ୱନି ନିନାଦିତ ହେଉଥାଏ। ଶିକ୍ଷକ ମାନଙ୍କ ସ୍ଥିରୀକୃତ ସ୍ଥାନରେ ଛାତ୍ର ଛାତ୍ରୀ ମାନେ ଦଣ୍ଡାୟ ମାନ ହୁଅନ୍ତି। ଦଉଡି ଫିଟାଇ ପତାକା ଉତ୍ତୋଳନ କରନ୍ତି। ପୂର୍ବରୁ ରଖାଯାଇଥିବା ଫୁଲ ଗୁଡିକ ପତାକା ମଧ୍ୟରୁ ଖସି ପଡେ। କରତାଳି ଧ୍ୱନୀରେ ବିଦ୍ୟାଳୟ ପ୍ରାନ୍ତର ପ୍ରକମ୍ପିତ ହୁଏ। ସଂଗେ ସଂଗେ ଛାତ୍ର ଛାତ୍ରୀଙ୍କ କଣ୍ଠରୁ ଭାସି ଆସେ 'ଜନ ଗଣ ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା।' ଜାତୀୟ ସଙ୍ଗୀତ। ଏହା ପରେ ଝଣ୍ଡା ସଙ୍ଗୀତ ଗାନ କରାଯାଏ। ପରି ଶେଷରେ ଅତିଥି ଓ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ଉଦ୍ଦ୍ୟେସ୍ୟରେ ସ୍ୱାଧୀନତା ସଂଗ୍ରାମ ଓ ବର୍ତମାନ ପରିସ୍ଥିତିରେ ଦେଶ ପାଇଁ କର୍ତ୍ତବ୍ୟ ବିଷୟରେ ସଂକ୍ଷିପ୍ତରେ କହିଥାନ୍ତି। ଗତାନୁଗତିକ ଭାଷଣ ସର୍ବସ୍ୱ ଉତ୍ସବ ପାଳନ କଲେ ସ୍ୱାଧୀନତାର ମହତ୍ୱ ମୂଲ୍ୟବୋଧ ଓ ଲକ୍ଷ ସାଧିତ ହେବ ନାହିଁ। ଏହି ଜାତୀୟ ଉତ୍ସବରେ ଜାତୀୟତାର ଉଦ୍ରେକ ପାଇଁ ଦୃଢ ସଂକଳ୍ପ କରି କାର୍ଯ୍ୟରେ ଦେଖାଇବାକୁ ହେବ। ଯେଉଁ ମହାନ ମହା ସଂଗ୍ରାମୀ ମାନଙ୍କ ଲହୁ ଲୁହରେ ଆମ ଭାରତ ମାତାର ଟେକ ରହିଅଛି। ସ୍ୱାଧୀନ ଆମ ଭାରତ ବର୍ଷ ମୁକ୍ତ ଆମ ଧ୍ୱଜା ନୀଳ ଆକାଶରେ ଉଡୁଛି ଆମ ତ୍ରିରଙ୍ଗା ଫର ଫର। ନୂଆ ଭାରତର ସଂକଳ୍ପ କରି ସଂଗ୍ରାମୀ ଙ୍କର ସ୍ମୃତି ଗାନ କରିବା।

ସଂଗ୍ରାମୀ ମାନଙ୍କ ବଳିଦାନ ଫଳରେ ମିଳିଥିବା ସ୍ୱାଧୀନତାକୁ ସ୍ୱତନ୍ତ୍ର ଦେଶର ସୁରକ୍ଷା ଓ ସମୃଦ୍ଧିରେ ନିଜକୁ ନିୟୋଜିତ କରିବା ଆମ ପ୍ରିୟ ଦେଶକୁ ସ୍ୱଚ୍ଛ ସୁନ୍ଦର ଏବଂ ସୁରକ୍ଷିତ ରଖିବା ଆମର ପ୍ରଥମ କର୍ତବ୍ୟ ରହିବ। ଅଖଣ୍ଡ ଭାରତ ବର୍ଷ ଗଠନରେ ଯେଉଁମାନେ ନିଜ ଜୀବନକୁ ଉତ୍ସାର୍ଗୀକୃତ କରିଥିଲେ ସେମାନେ ଆମର ପୂଜ୍ୟ ନାମସ୍ୟା। ଆମେ ଏହି କ୍ଷଣେ ପଣ ନେବା ଯେ ଆମେ ଆମ ଦେଶକୁ ସବୁ ବେଳେ ଭଲ ପାଇବା ଏବଂ ଏହାର ବିକାଶ ସୁରକ୍ଷା ପ୍ରତି ଯତ୍ନବାନ ହେବା। ଜୟ ହିନ୍ଦ।

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ସ୍ୱାଧୀନତାର ସ୍ୱାଦ

**ଅରୁଣ କୁମାର ଦାସ**

ବଂଦୀ ଜାଣେ କରାଗାରର କଷଣ
ପରାଧୀନକୁ ଅଜଣା ନୁହେଁ ଲହୁ ଲୁହାଣ
ବିପ୍ଳବୀ ଦେଖାଇ ଥାଏ ଛାତିକୁ ହାଣ
ଏଇତ ଜୀବନ ଶହୀଦର ଗାଥା କରୁଣ ।

ନାରୀ କଷଣ ବଢି ଚାଲିଛି ଦିନକୁ ଦିନ
ଆମେ ସ୍ୱାଧୀନ ହେଲେ କେଉଁ ଦିନ
ଛୁଆ ବିକୁଛି ବାପା ନ ପାଇ ଅନ୍ନ
ନ ପାଇ କାମ ଯୁଆନ ଯାଉଛି ଦାଦନ ।

ଭୂଲିଛୁ ଓଡିଆ ହୋଇଛୁ କୋଡିଆ
ବିଦେଶୀ ଚଳଣି ଲାଗୁଛି ବଢିଆ
ଅଛି ଚାଷ ଜମି ରହିଛି ପଡିଆ
ଧନ୍ୟରେ ପୁଅ ଆମେ ଓଡିଆ ।

ବେଟି ବଚାଓ ନାରା ଦେଉଛୁ
କନ୍ୟା ଭୃଣ ହତ୍ୟା କରି ଚାଲିଛୁ
ଖଣି ଖାଦାନ ଲୁଣ୍ଠନ ହେଉଛି
ବେକାରୀ ସମସ୍ୟା ବଢି ଚାଲିଛି ।

ସ୍ୱାଧୀନତା ଆଜି ସାତ ସପନ
ଆମ ଦେଶ ହୋଇଛି ଲୁଣ୍ଠନ
ନେତାଙ୍କ କୋଠି ହୋଇଛି ଭରଣ
ଆମେ ରହିଛୁ ସେଇ ପରାଧୀନ ।

ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫

## ସ୍ୱାଧିନତା ସଂଗ୍ରାମରେ ଗାନ୍ଧୀଙ୍କ ମହିଳା ଯୋଦ୍ଧା



**ଗୋପାଳ ମହାପାତ୍ର**

ସ୍ୱାଧିନତା ଆନ୍ଦୋଳନରେ ମହାତ୍ମାଗାନ୍ଧୀଙ୍କ ସହ ଅନେକ ମହୀୟସୀ ମହିଳା ଯୋଗ ଦେଇଥିଲେ। ଏ ପ୍ରସଙ୍ଗରେ ଗାନ୍ଧୀ ତାଙ୍କ ଡାଏରୀରେ ଲେଖିଛନ୍ତି ଯେ ସେ ତାଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କଠାରୁ ଅନେକ କିଛି ଶିଖିଥିଲେ। ଗାନ୍ଧୀଙ୍କର ମହିଳା ମାନଙ୍କ ପ୍ରତି ପିଲାଦିନୁ ଭକ୍ତି ଓ ବିଶ୍ୱାସର ଭାବନା ଥିଲା। ଯେବେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ଆଇନଗତ ଏବଂ ରାଜନୈତିକ ଲଢେଇରେ ସଫଳ ହେବା ପରେ ଭାରତ ଆସିଲେ ସେତେବେଳକୁ ଭାରତରେ ସ୍ୱାଧିନତା ଆନ୍ଦୋଳନ ବେଶ୍ ମଜଭୁତ ହୋଇଯାଇଥିଲା। ଏପରିକି ସ୍ୱାଧିନତାର ଲଢେଇରେ ଅନେକ ମହିଳା ମଧ ଭାଗ ନେଇଥିଲେ। କିନ୍ତୁ ମହିଳାଙ୍କ ଭାଗିଦାରୀ ଅଧିକ ନଥିଲା। ଗାନ୍ଧୀଙ୍କ ପ୍ରୋତ୍ସାହନରେ ପରବର୍ତ୍ତୀ ସମୟରେ ମହିଳା ମାନଙ୍କ ଭାଗିଦାରୀ ବଢିଥିଲା। ଅରୁଣା ଆସଫ ଅଲ୍ଲୀଙ୍କ ଭଳି କିଛି ମହୀୟସୀ ମହିଳାଙ୍କୁ ଗାନ୍ଧୀ ଆଗୁଆ




ମୋର୍ଚ୍ଚା ସମ୍ଭାଳିବା ପାଇଁ ପ୍ରେରିତ କରିଥିଲେ।

ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିବାପରେ ସ୍ୱାଧିନତା ଆନ୍ଦୋଳନକୁ ଡ଼େଇଁ ପଡିଥିଲେ। ଗାନ୍ଧୀ ତାଙ୍କ ଡାଏରୀରେ ଲେଖିଥିଲେ ଯେ ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇଥିବା ମହିଳା ମାନଙ୍କୁ ସେ ସମ୍ମାନ କରନ୍ତି। ଏହି ମହିଳା ମାନଙ୍କ ମଧ୍ୟରେ ଥିଲେ ଶ୍ରୀମତୀ ଆନି ବେସାନ୍ତ, ସରୋଜିନୀ ନାଇଡୁ, କମଳା ଦେବୀ, ଚଟ୍ଟୋପାଦ୍ଧ୍ୟାୟ, ରାଜକୁମାରୀ ଅମୃତ କୌର ଏବଂ ପୁଷ୍ପାବେନ ମେହେଟ୍ଟା। ଗାନ୍ଧୀଙ୍କ ମତ ଥିଲା ମହିଳାମାନେ ସବୁ ସ୍ତରରେ ଭାରତକୁ ବଦଳାଇବାରେ ସକ୍ଷମ ଅଟନ୍ତି। ଏଣୁ ଅଧିକରୁ ଅଧିକ ମହିଳା ସ୍ୱାଧିନତା ସଂଗ୍ରାମରେ ଯୋଗ ଦେବା ଉପରେ ଗାନ୍ଧୀ ଗୁରୁତ୍ୱ ଦେଉଥିଲେ, ମହିଳା ମାନେ ଅଧିକ ଭାବେ ସ୍ୱାଧିନତା ସଂଗ୍ରାମରେ ଭାଗ ନନେଲେ ସ୍ୱାଧିନତା ସଂଗ୍ରାମର ଲଢେଇରେ ଜିତିବା ଅସମ୍ଭବ ବୋଲି ଗାନ୍ଧୀ ଭାବୁଥିଲେ। ସେଇ କାରଣରୁ ସ୍ୱାଧିନତା ସଂଗ୍ରାମରେ ସବୁ ସ୍ତରରେ ମହିଳାମାନେ ଭାଗ ନିଅନ୍ତୁ ବୋଲି ମଧ ଗାନ୍ଧୀ କହୁଥିଲେ। ଅନେକ ଐତିହାସିକ ଲେଖିଛନ୍ତି ଯେ ସ୍ୱାଧିନତା ସଂଗ୍ରାମରେ ମହାତ୍ମଗାନ୍ଧୀଙ୍କ ଦ୍ୱାରା ମହିଳା ମାନଙ୍କୁ ଗୁରୁତ୍ୱ ଦିଆଯିବା କାରଣରୁ ସ୍ୱାଧିନତା ସଂଗ୍ରାମର ରୂପରେଖ ପୁରାପୁରି ବଦଳି ଯାଇଥିଲା।

ବାସ୍ତବରେ ଗାନ୍ଧୀ ରାଜନୈତିକ ଲଢେଇ ପାଇଁ ମହିଳା ମାନେ କେତେ ଉପଯୁକ୍ତ ସେକଥା ଦକ୍ଷିଣ ଆଫ୍ରିକାରୁ ହିଁ ଠିକ୍ ଭାବେ ବୁଝିଥିପାରିଥିଲେ। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ସେଠାରେ ରହୁଥିବା ଭାରତୀୟ ଏବଂ ଅନ୍ୟ ଅଶ୍ୱେତଙ୍କ ପାଇଁ ଆଇନଗତ ଲଢ଼େଇ ଲଢ଼ିଥିଲେ ଏବଂ ବିଜୟଲାଭ କରିଥିଲେ ଓ ପରେ ଭାରତର ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇ ଥିଲେ। ଦକ୍ଷିଣ ଆଫ୍ରିକାର ଲଢ଼େଇରେ ସେ ମହିଳାଙ୍କୁ ଅଗ୍ରାଧିକାର ଦେଇଥିଲେ ଓ ସେହି ପ୍ରୟୋଗ ଭାରତରେ କରିଥିଲେ। ସେ ସ୍ୱାଧିନତା ସଂଗ୍ରାମରେ ମହିଳା ମାନଙ୍କ ଭୂମିକା ସ୍ଥିର କରିବା ପାଇଁ ଏକ ଫର୍ମୁଲା ପ୍ରସ୍ତୁତ କରିଥିଲେ ଓ ତାଙ୍କ ଫର୍ମୁଲାରେ ୩ଟି କଥାଥିଲା। ଗାନ୍ଧୀଙ୍କ ମତଥିଲା ମହିଳାମାନେ ପିଲା (ଶିଶୁ) ଓ ବୟୋଜେଷ୍ଠ ମାନଙ୍କ ଦେଖାଶୁଣା କରିବା ଆବଶ୍ୟକ। ଗାନ୍ଧୀଙ୍କ ସ୍ପଷ୍ଟ ବିଚାର ଥିଲା ଯେ ମହିଳାମାନେ କେବଳ ଆନ୍ଦୋଳନରେ ଭାଗ ନେବା ଉଚିତ୍ ନୁହେଁ ବରଂ ନିଜର ସାମାଜିକ ଏବଂ ଭାବନାତ୍ମକ ଦାୟୀତ୍ୱକୁ ମଧ ପୁରା କରିବା ଆବଶ୍ୟକ। ଗାନ୍ଧୀଙ୍କ ଫର୍ମୁଲାର ୨ୟ କଥା ହେଉଛି ଯେଉଁ ମହିଳା ମାନଙ୍କ ଉପରେ ଘର ଏବଂ ପିଲାଙ୍କ ଦାୟୀତ୍ୱ ନାହିଁ ସେମାନେ ସ୍ୱାଧିନତା ଲଢ଼େଇରେ ସକ୍ରିୟ ଭାବେ ଭାଗ ନେଇପାରିବେ। ଗାନ୍ଧୀ ଏକଥା ମଧ ମାନୁଥିଲେ ଯେ ଯେଉଁ ମହିଳା ମାନେ ଅବିବାହିତ ସେମାନେ ଦେଶର ସ୍ୱାଧିନତା ପାଇଁ ଅବିବାହିତ ରହିପାରିବ। କିନ୍ତୁ ବିବାହ କରିବା ଓ ନ କରିବା ମହିଳା ମାନେ ନିଜେ ହିଁ ସ୍ଥିର କରିବେ।

ଗାନ୍ଧୀ ପୁରା ଡ଼େମୋକ୍ରାଟିକ ଥିଲେ ଏବଂ ମହିଳା ମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିଲେ। ଏଣୁ ସେ ତାଙ୍କ ଫର୍ମୁଲା ୩ରେ ସେହି ମହିଳା ମାନଙ୍କୁ ପୂର୍ଣ୍ଣ କର୍ଯ୍ୟକର୍ତ୍ତା ହେବା ପାଇଁ ଆହ୍ୱାନ କରିଥିଲେ ଯେଉଁମାନେ ଅବିବାହିତ ଥିଲେ ଏବଂ ସ୍ୱାଧିନତା ଆନ୍ଦୋଳନରେ ସାରା ଜୀବନକୁ ସମର୍ପିତ କରିବା ପାଇଁ ପ୍ରସ୍ତୁତ ଥିଲେ। କିନ୍ତୁ ଏକଥା ସତ୍ୟ ଯେ ସ୍ୱାଧିନତା ଲଢେଇରେ ମହାତ୍ମାଗାନ୍ଧୀ ସାମିଲ ହେବା ପୂର୍ବରୁ ଅନେକ ମହିଳା ସାମିଲ ହୋଇସାରିଥିଲେ। ୧୮୫୭ରୁ ଆରମ୍ଭ ହୋଇଥିବା ସ୍ୱାଧିନତା ପାଇଁ ଲଢେଇରେ ରାଣୀ ଲକ୍ଷ୍ମୀବାଇ ଏବଂ ବେଗମ ହଜରତ ମହଲଙ୍କ ଭଳି ସଂଭ୍ରାନ୍ତ ମହିଳାମାନେ ଯୋଗ ଦେଇଥିଲେ। ଏହାର ଅନେକ ପୂର୍ବରୁ ରାଣୀ ଚେନ୍ନାମା ମଧ ଯୋଗଦେଇ ସାରିଥିଲେ। କିନ୍ତୁ ଗାନ୍ଧୀ ମହିଳା ମାନଙ୍କ ଭାଗିଦାରୀକୁ ଅଧିକ କରିଥିଲେ। ଏସବୁ ପରେ ମଧ ସ୍ୱାଧିନତା ସଂଗ୍ରାମର ଲଢ଼େଇରେ ନିଜକୁ ସଂପୁର୍ଣ୍ଣ ଉତ୍ସର୍ଗୀକୃତ କରିଥିବା ମହିଳାମାନଙ୍କୁ ଲଢ଼େଇର ବୈଚାରିକ ଭାଗିଦାର କରାଯାଇନଥିଲା।

ରାମଚନ୍ଦ୍ର ପୁର, ରଣ ପୁର
ମୋ : ୯୪୩୮୪୮୫୦୯୪

## ଆଜି ଅଗଷ୍ଟ ପନ୍ଦର

**ରମାକାନ୍ତ ଦାସ**

ଅଗଷ୍ଟ ମାସର ପନ୍ଦର ଆଜି
ଏ ଦିନଟି ଅଟଇ ମହାନ
ବିଦେଶୀ ଶାସନୁ ମୁକ୍ତ ହୋଇ ଆମେ
ହୋଇଥିଲେ ପରା ସ୍ୱାଧୀନ ।

ପିଞ୍ଜରାରେ ପକ୍ଷୀ ରୁହେ ଯେପରି
ସେମିତି ଥିଲା ଭାରତ ମାଆ
ସବୁ କ୍ଳେଶ ସହି, ସବୁ ଦୁଃଖ ସହି
କାନ୍ଦୁଥିଲା ଧରି ରାହା ।

କେତେ ସ୍ୱାଧୀନତା ସଂଗ୍ରାମୀ
ନିଜ ଜୀବନକୁ ବଳିଦେଇ
ଫାଶୀ ଦଉଡିରେ ଝୁଲିଥିଲେ ପୁଣି
ଭାରତ ମାଆ ପାଇଁ ।

ଲୁହ ପୋଛିବାକୁ କେହି ନଥିଲେ
ଆସିଲେ ମହାତ୍ମା ଗାନ୍ଧୀ
ଅଂହିସା ମନ୍ତର ଫୁଙ୍କିଲେ ଏମିତି
ଦେଶ ଛାଡିପଳାଇଲେ ଇଂରେଜି ।

ସ୍ୱାଧୀନ ହୋଇଲା ଦେଶ ଆମର
ଉଡିଲା ତ୍ରିରଙ୍ଗା ପତାକା
ସବୁ ଦୁଃଖ, କଷ୍ଟ ଦୂରେଇ ଗଲା
ହସିଲା ଭାରତ ମାତା ।

ଧନ୍ୟ ସେ ବୀର ପୁରୁଷ ମାନେ
ଧନ୍ୟ ସେ ସ୍ୱାଧୀନତା ସଂଗ୍ରାମୀ
ଇତିହାସରେ ନାଁ ରଖିଗଲେ
ଏ ମାଟିରେ ଜନ୍ମନେଇ ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ଅମୃତ ଅଗଷ୍ଟ

**ଅମ୍ରିତା ସିଂହ**

ଅଗଷ୍ଟ ଖାଲି ମାସଟିଏ ନୁହେଁ
ଗୋଟେ ଜାତିର ସ୍ୱାଭିମାନ,
ସୌଭାଗ୍ୟ, ସମୃଦ୍ଧିର ସଙ୍କେତ।
ପ୍ରାର୍ଥନା, ପ୍ରାପ୍ତି,ପ୍ରତ୍ୟୟର ପ୍ରତୀକ ।

ସ୍ୱପ୍ନଦର୍ଶୀ ଆଖିରେ
ସ୍ୱପ୍ନ ସମ୍ଭାବନାର ସୁନା ସକାଳ,
ସକାଳର ଝୋଟି, ଝୋଟିରେ
ଝଟକୁଥିବା ସଂଘର୍ଷ ର ପ୍ରତିବିମ୍ବ
ହେଉଛି ଅଗଷ୍ଟ ।

ଆକାଶ ମେଘାଚ୍ଛନ୍ନ ହେଉ କି
ମେଘ ଶୂନ୍ୟ,
ପଞ୍ଜୁରୀ ମୁକ୍ତ ଚଢ଼େଇ
ଡେଣାରେ କିନ୍ତୁ ମାପୁଥାଏ
ଆଖିରେ ଆଖିଏ ଉଡାଣର ମୋହ।

ଆଶାର ନହକା ଡାଳରେ
ପେନ୍ଥାଏ ଭରସାର ଫୁଲ
ଅଗଷ୍ଟ।
ଯେଉଁଠି ନବ ପଲ୍ଲବ ପାଦପେ
ଝଙ୍କୃତ ହେଉଥାଏ
ଏକତାର ବୀଜ ମନ୍ତ୍ର।
ଆତ୍ମୀୟତାର ଅଗରୁ ଚନ୍ଦନ
ମହକରେ ମହକିତ ହେଉଥାଏ
ଭୂମିରୁ ଭୂମା ସର୍ବତ୍ର ।

ଅଗଷ୍ଟ ପୁଣ୍ୟର ମହୋଦଧିରେ
ଶାନ୍ତିର ମହାତୀର୍ଥ
ଯେଉଁଠି ମହାତ୍ମା ମୁକ୍ତିକାମୀଙ୍କ
ତ୍ୟାଗ ଓ ତୀତିକ୍ଷା
ଧ୍ୱଜାପରି ଉଡ଼ି
ଏକସ୍ୱରେ ଗାଉଥାଏ
ମାଆ ମାଟିର ସଙ୍ଗୀତ ।

ଅଗଷ୍ଟ ବୁନ୍ଦା ବୁନ୍ଦା ଶୃଙ୍ଖଳା ରକ୍ତରେ
ଧୈର୍ଯ୍ୟର ଚନ୍ଦନ ଘୋରେ
ଅନ୍ଧାର ଗମ୍ଭୀରା ଆଡେଇ,ଭିତରେ
ଜାଗରଣର ଦୀପଜାଳେ।
ଶ୍ରଦ୍ଧା ସଜଡା ଥାଳିରେ
ନବ ଉନ୍ମେଷର ଅର୍ଘ୍ୟ ବାଢ଼ି
ଛାତିଥରା କୋହର ଟାଙ୍ଗୁଡାରେ
ଲୁହର ସ୍ତବକ ତୋଳେ।

ଅଗଷ୍ଟ ବିପ୍ଳବର ବହ୍ନି ସାଜେ,
ଶାନ୍ତିର କପୋତ ଉଡାଏ।
ଅଘୋରୀ ସନ୍ନ୍ୟାସୀ ହୋଇ
ଜାଗୃତିର ଧୂନି ଜାଳେ ।।

ସ୍ୱାଧିନତାର ମହାକାବ୍ୟ ରେ
ଅଗଷ୍ଟ ଚିକିମିକି ସ୍ୱର୍ଣ୍ଣିମ ଅକ୍ଷରରେ
ଝଟକୁ ଥିବା ଅବିସ୍ମରଣୀୟ ପୃଷ୍ଠାଟିଏ,
ଅରାଏ ମାଟିର ପ୍ରେମ,
ଅସ୍ମିତାର ପର୍ବ ଟିଏ ।

କଳାଶ୍ରୀ, ଯାଜପୁର

## ସ୍ୱାଧୀନତାର ମୂଲ୍ୟ

**ସୁଧାଂଶୁ ଶେଖର ଦ୍ୱିବେଦୀ**

ମନ ସୁନ୍ଦର ତନ ସୁନ୍ଦର
ସୁନ୍ଦର ହୃଦୟ ଯାହାର
ସ୍ୱାଧୀନତାର ପରବ ପାଳେ
ସୁନ୍ଦର ଭାରତ ଆମର।

ଶତ୍ରୁ ହରାଏ, ଇଂରେଜ ପଳାଏ
ମା' ଭାରତୀର ରଖେ ମାନ

ଦେଶହୀତ ପାଇଁ ସମର୍ପିତ
ସହିଦଙ୍କ ମାନ-ସମ୍ମାନ।

ସତସ୍ତରି ବର୍ଷର ପରବ ଇଏ
ସ୍ୱାଧୀନତା ଦିବସ ମହାନ୍
ମନେପଡେ ସେହି ବଳିଦାନଙ୍କୁ
ନବ ଭାରତର ଉତ୍ଥାନ।

ଅଧା ଧୋତି ପିନ୍ଧା ସନ୍ଥ ଜଣେ
ବାପୁଜୀ ନାମରେ ମହାନ୍

ସ୍ୱାଧୀନତା ଦେଲେ ଆମକୁ
ମୂଲ୍ୟ ଯାହାଙ୍କ ଅକଳନ।

ତ୍ରିରଙ୍ଗା ନଭରେ ଉଡାଇ
ଗାଇବା ଗୀତ ଜନ-ଗଣ-ମନ
ଭାରତର ଇଏ ମହା ପରବ
କରିବା ତାହାକୁ ପ୍ରଣାମ।

+ବିସି-୭୪,ସଲଟ ଲେକ,କଲକତା-୬୪
ମୋ-୯୬୮୧୩୭୩୫୧୨

## ଆମର ସମ୍ମାନ ତ୍ରିରଙ୍ଗା ପତାକା

**ନଳିନୀ ଦାଶ**

ପରାଧୀନତାର ଶୃଙ୍ଖଳ ମୁକ୍ତ ସେ ସଂଘର୍ଷ କାହାଣୀ
ଜାତୀୟପତାକା ଦେଲା ସବୁରି ମନେ ମହକ ବୁଣି ।
ତ୍ରିରଙ୍ଗା ଜାତୀୟପତାକା ସମ୍ବିଧାନେ ପାଇଲା ମାନ୍ୟତା
ପିଙ୍ଗଳ ଭେଙ୍କେୟାନାଇଡୁ କରିଲେ ସ୍ୱରାଜ୍ୟ ପତାକା ।
ତିନିଟି ରଙ୍ଗରେ ଜାତୀୟ ପତାକାଟି ପରିବେଷ୍ଟିତ
ଧଳା ରଙ୍ଗପରେ ଘନନୀଳ ଅଶୋକ ଚକ୍ର ସ୍ଥାପିତ।
ଜାତୀୟପତାକା ଭାରତରେ ହୋଇଲା ଆୟତକାର
ଅଶୋକ ଚକ୍ରରେ ଚବିଶିଟି ଅଖ ତ୍ରିରଙ୍ଗା ଆମର ।
ଉପରଭାଗେ ନାରଙ୍ଗୀ ରଙ୍ଗ ବଳିଦାନର ପ୍ରତୀକ
ଦେଶର ମଙ୍ଗଳ କାର୍ଯ୍ୟକୁ ସର୍ବଦା କରାଏ ପ୍ରେରିତ।
ଧଳାରଙ୍ଗ ଶାନ୍ତି ସଚ୍ଚୋଟ ଶୁଦ୍ଧତା କରେ ପ୍ରଦର୍ଶିତ
ଜ୍ଞାନ ମାର୍ଗଦର୍ଶନ ସତ୍ୟପଥକୁ କରଇ ଉନ୍ମୁକ୍ତ ।
ସବୁଜରଙ୍ଗ ବିଶ୍ୱାସ ସମୃଦ୍ଧି ପ୍ରଗତିକୁ ଦର୍ଶାଏ
ଦୃଢତାର ପ୍ରତୀକ ଜୀବନର ଖୁସିକୁ ସୂଚାଇଥାଏ ।
ତ୍ରିରଙ୍ଗା ଅଶୋକ ଚକ୍ରଟି ଧର୍ମ ଚକ୍ର' ଭାବେ ନାମିତ
ଚବିଶି ଅଖ ଜୀବନ ଗତିଶୀଳତାକୁ କରେ ସୂଚିତ ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।
ମୋ- ୯୨୩୮୯୯୬୬୪

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଗୁରୁବାର, ୧୫ ଅଗଷ୍ଟ , ୨୦୨୪


# ଭାରତର ସ୍ୱାଧୀନତା ସଂଗ୍ରାମରେ ନାରୀମାନଙ୍କ ଭୂମିକା

**ବିପିନ ବିହାରୀ ମହାନ୍ତି**



"ନାରୀ ଶକ୍ତି ଏକ ପ୍ରଚଣ୍ଡ ଶକ୍ତି।
ତାକୁ ଉପେକ୍ଷା କରାଯାଇ ନପାରେ।"
"ଯେତେଦିନ ପର୍ଯ୍ୟନ୍ତ ମାତୃଶକ୍ତି ରାଷ୍ଟ୍ରୀୟ ସଂଗ୍ରାମରେ ଯୋଗ ନଦେଇଛି,
ସେତେ ଦିନ ପର୍ଯ୍ୟନ୍ତ ଏ ଦେଶ ସ୍ୱତନ୍ତ୍ର ହୋଇନାହିଁ।" - ନେତାଜୀ

ସେହି ନାରୀମାନଙ୍କର ଭାରତର ମୁକ୍ତି ସଂଗ୍ରାମରେ ଭୂମିକା ଏବେ ବିଚାର୍ଯ୍ୟ :

ଭାରତର ସ୍ୱାଧୀନତା ସଂଗ୍ରାମର କାହାଣୀ ୧୮୫୭ ମସିହାର ସିପାହୀ ବିଦ୍ରୋହ ଠାରୁ ଆରମ୍ଭ ହୋଇ ଶେଷହୁଏ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ। ଏ ସଂଗ୍ରାମରେ କେତେ ବଳିପଡ଼ିଲେ, କେତେ ନିଖୋଜ ହେଲେ, କେତେ ନିର୍ଯାତିତ ହେଲେ ଏବଂ କେତେ କାରାବରଣ କଲେ, ତା'ର ସଠିକ୍ ହିସାବ ପାଇଁ ଇତିହାସ ନୀରବ। ଆଉ ଯେଉଁମାନଙ୍କୁ ଆମେ ଏହାର ଅଗ୍ରଦୂତ ବୋଲି ଧରିନେଉଛୁ, ସେମାନେ ଆଖି ଦୃଶିଆ ଭାବେ ଏମିତି କିଛି ଲୋକ : ଯେମିତି ଗାନ୍ଧି, ଗୋପବନ୍ଧୁ ଏବଂ ନେହୁରୁ ଇତ୍ୟାଦି ଅଥଚ ସେଇମାନଙ୍କ ଭିତରେ ଅନେକ ନାରୀ ଚରିତ୍ର ଅଛନ୍ତି, ଯେଉଁମାନଙ୍କୁ ଆମେ ଅଘୋଷିତ ଚରିତ୍ର ଭାବି ଭୁଲିଯିବାକୁ ବସିଛୁ; ହୁଏତ ସେମାନେ ପ୍ରାତଃ ସ୍ମରଣୀୟ।

ଭାରତୀୟ ମୁକ୍ତି ସଂଗ୍ରାମରେ ପ୍ରଥମରୁ ହିଁ ନାରୀମାନେ ପ୍ରଚଣ୍ଡ ଶକ୍ତି ଭାବରେ ଉଭା ହୋଇଛନ୍ତି। ତତ୍କାଳୀନ ଭାରତୀୟମାନଙ୍କ ହୃଦୟରେ ଅନ୍ଧକାର ଦୂରୀଭୂତ ପାଇଁ ସଳିତା ଜଳିଲାପରି ଏମାନେ ଜଳିଛନ୍ତି ଏବଂ ଜଳାଇଛନ୍ତି ଜାତୀୟତାର ବହ୍ନି; ଧରାଇଛନ୍ତି ସ୍ୱାଧୀନତାର ମଶାଲ।

୧୮୫୭ ମସିହାରେ ସିପାହୀ ବିଦ୍ରୋହ ଆରମ୍ଭ ହୁଏ ସିପାହୀ ମଙ୍ଗଳ ପାଣ୍ଡେଙ୍କୁ କେନ୍ଦ୍ରକରି। ଏମିତି ଭାବିଲେତ ଏହା ତାଙ୍କର ବ୍ୟକ୍ତିଗତ ବ୍ୟାପାର ଥିଲା। ମାତ୍ର ଜାତୀୟ ସ୍ତରରେ ଏହାକୁ ସ୍ୱାଧୀନତା ସଂଗ୍ରାମର ରୂପଦେବା ଏବଂ ଏଥିରେ ଝାସଦେବା ନିମନ୍ତେ ଆଗରୁ କ୍ଷେତ୍ର ପ୍ରସ୍ତୁତ ସରିଥିଲା। ସିପାହୀ ବିଦ୍ରୋହ କେବଳ ଇନ୍ଧନ ଯୋଗାଇଲା। ଏହି କାରଣରୁ ରାଜରାଜୁଡ଼ାମାନେ ଏବଂ ସର୍ବସାଧାରଣ ଲୋକ ଏ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଗଲେ। ଅବଶ୍ୟ ଏଥିନିମନ୍ତେ ସାମରିକ, ରାଜନୈତିକ, ସାମାଜିକ, ନୈତିକ ଏବଂ ଅନ୍ୟାନ୍ୟ କାରଣମାନ ଅଛି। ଏହି ରାଜ ରାଜୁଡ଼ା ଓ ସାଧାରଣଙ୍କ ମଧ୍ୟରେ ଆମେ ପ୍ରଥମରୁ ଦେଖୁ ଝାନସୀ ରାଣୀ ଲକ୍ଷ୍ମୀବାଈ ଏବଂ ତାଙ୍କ ସହଚରୀ ଝାଲକାରୀ, ରାଣୀ ଅକଲିବାଈ ଲୋଧା, ଅଯୋଧ୍ୟାର ବେଗମ୍ ହଜରତ୍ ମହଲ ଏବଂ ସେମାନଙ୍କର ଅନେକ ଅନାମଧେୟା ଅନୁଗତ ଏବଂ ଅନୁଚର। ଏମାନେ ଦେଶର ମୁକ୍ତିପାଇଁ ସେମାନଙ୍କ ଜୀବନକୁ ତିଳତିଳକରି ଜାଳି ଉତ୍ସର୍ଗ କଲେ। ରାଣୀ ଲକ୍ଷ୍ମୀବାଈ ଯିଏକି ନିଜେ ସୈନ୍ୟଚାଳନାର ଦାୟିତ୍ୱ ନେଇଥିଲେ ଏବଂ ତାଙ୍କ ଅନୁଗତ ଝାଲକାରୀର ଦେଶପ୍ରୀତିର ପଟାନ୍ତର ନାହିଁ।

ନେତାଜୀ ସୁବାଷ ବୋଷଙ୍କ ନେତୃତ୍ୱରେ ବହିର୍ଜଗତରୁ ଯେଉଁ 'ଦିଲ୍ଲୀଚଲୋ'ର ଡାକରା ଦିଆଯାଇଥିଲା, ସେଥିରେ ମଧ୍ୟ ଜଣେ ନାରୀ ନେତ୍ରୀଥିଲେ ଯାହାଙ୍କୁ କ୍ୱଚିତ୍ ଲୋକ ଜାଣନ୍ତି। ସେ ହେଉଛନ୍ତି ମାଡ଼ାମ ଭିକାଜୀ କାମା। ୧୮୬୧ମସିହାରେ ବମ୍ବେରେ ତାଙ୍କର ଜନ୍ମ। ତାଙ୍କର ସ୍ଲୋଗାନ ଥିଲା - ଆମେ ଭାରତୀୟ, ଭାରତବର୍ଷ ଭାରତୀୟମାନଙ୍କର। ଏଥିରେ କାହାକୁ ରାଜୁତି କରିବାକୁ ଆମେ ଦେବୁ ନାହିଁ। ଏବେ ବିଚାରନ୍ତୁ ସରୋଜିନୀ ନାଇଡୁଙ୍କ କଥା ଯିଏକି ଭାରତୀୟ ବୁଲ୍‌ବୁଲ୍ ଭାବରେ ଖ୍ୟାତା। ସେ ଥିଲେ ଜଣେ ଅସାଧାରଣ କବି, ବାଗ୍ମୀ, ନେତ୍ରୀ ଏବଂ ତେଜସ୍ୱିନୀ ସ୍ୱାଧୀନତା ସଂଗ୍ରାମୀ। ସେ ୧୯୧୪ରେ ଗାନ୍ଧିଙ୍କ ସଂସ୍ପର୍ଶରେ ଆସିଥିଲେ। ଭାରତୀୟ ଜାତୀୟ କଂଗ୍ରେସରେ କିଛି ଦିନପାଇଁ ସଭାପତିତ୍ୱ କରିଥିଲେ ଏବଂ ୧୯୩୦ରେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଯୋଗୁଁ ଜେଲ୍ ଯିବାରୁ ସେ ତା'ର ନେତୃତ୍ୱ ନେଇଥିଲେ। ସେ ସ୍ୱାଧୀନତାର ସୂର୍ଯ୍ୟ ଦେଖି ୧୯୪୯ମାର୍ଚ୍ଚ ୨ରେ ଇହଧାମ ପରିତ୍ୟାଗ କଲେ। ତାଙ୍କ ଅବଦାନ ପାଇଁ ଆମେ ଋଣୀ।

ଅନ୍ତହୀନ ସ୍ୱାଧୀନତା ସଂଗ୍ରାମର କାହାଣୀର ଅଧିକାରିଣୀ ହେଉଛନ୍ତି ଅରୁଣା ଆସିଫ ଅଲ୍ଲୀ ଯିଏକି ନିଜପାଇଁ ନିଜେ ଏକ ଇତିହାସ। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି କମଳା ନେହେରୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ବିଜୟଲକ୍ଷ୍ମୀ ପଣ୍ଡିତ, ଇନ୍ଦିରା ଗାନ୍ଧି, କସ୍ତୁରବା ଗାନ୍ଧି, ଗୁଜୁରାଟର ନୀଳାବତୀ ଜେଠୀ, ମହାରାଷ୍ଟ୍ରର ଗଙ୍ଗୁବାଇ, ବଙ୍ଗର ଜ୍ୟୌର୍ତିମୟୀ ଗାଙ୍ଗୁଲି, ମାତଙ୍ଗିନୀ ହାଜରା, ମହାରାଷ୍ଟ୍ରର ମୃର୍ଦୁଳା ସାରାଭାଇ, ବିହାରର ଅକଲି ଦେବୀ, ଜାନକୀ ମିଶ୍ର, ଭୂମେଶ୍ୱରୀ ଫୁକନାନୀ, ଆସାମର ପୁଷ୍ପଲତା ଦାସ ଯିଏକି 'ଶାନ୍ତି ବାହିନୀ' ଓ 'ମୃତ୍ୟୁ ବାହିନୀ' ନାମରେ ଦୁଇଟି ଦଳ ଇଂରେଜଙ୍କ ବିରୁଦ୍ଧରେ କରିଥିଲେ; ନେତାଜୀଙ୍କର ଝାନସୀ ରେଜିମେଣ୍ଟର କ୍ୟାପଟେନ୍ ଥିଲେ ଲକ୍ଷ୍ମୀ ସ୍ୱାମୀନାଥନ୍ ଓରଫ୍ ଲକ୍ଷ୍ମୀ ସେହେଗଲ। ସେ ଅଗଷ୍ଟ ୯ତାରିଖ ୧୯୪୭ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରେ ଉଷା ମେହେଟାଙ୍କ ସହ ତ୍ରିରଙ୍ଗା ଉଡ଼ାଇଥିଲେ।

୧୯୨୧ ମସିହା ମାର୍ଚ୍ଚ ୨୧ତାରିଖରେ ଗାନ୍ଧିଜୀ ଓଡ଼ିଶା ଆସିଥିଲେ। ସେତେବେଳେ ଓଡ଼ିଶାର ସଂଗ୍ରାମୀ ନାରୀ ନେତ୍ରୀମାନେ ତାଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ରମାଦେବୀ ଅନ୍ୟତମ। ସ୍ୱାଧୀନତା ପାଇଁ ସେ ଏକ ଉତ୍ସର୍ଗୀକୃତ ଆତ୍ମା। ସେ କହୁଥିଲେ - ଲଢ଼, ଦେଶ ପାଇଁ ଜେଲ ଯିବାକୁ ହେବ, ସ୍ୱଦେଶୀ ଜିନିଷ ପିନ୍ଧିବାକୁ ହେବ, ଫାଶୀ ପାଇବାକୁ ହେବ। ମୁଁ ତାହାହିଁ କରିବି।

ଫାଶୀ ନପାଆନ୍ତୁ ପଛେ, ତା'ଠୁ ଅଧିକ କରିଛନ୍ତି ସିଏ। (୧୮୧୯-୧୮୯୫)

ସେହିପରି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ (୧୯୦୦-୧୯୫୮)। ସେ ତାଙ୍କ କବିତା 'ଆହ୍ୱାନ' ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ପାଇଁ ଶୁଣାଇଥିଲେ ଅମର୍ଷୀବାଣୀ।

ହେ ପୁରୁଷ ଯଦି ତୁମେ ନଉଠ ଏଥର
ଆମେ ରଣବେଳେ ହେବୁ ଅଗ୍ରସର
ଆମେ ନାରୀଗଣ କୋଣରୁ ବାହାରି
ଧରିବୁ ଅସହଯୋଗ ତରବାରୀ
ଯାଉ ପଛେ ପ୍ରାଣ ଥାଉ ଦେଶ ମାନ,
ରଖି ଜାଣୁ ଆମେ ସ୍ୱଧର୍ମ ସମ୍ମାନ ।।

ଅନ୍ୟତମା ମାଳତୀ ଚୌଧୁରୀ ଯାହାଙ୍କ ଅବଦାନ ନ କହିବା ଭଲ। ସ୍ୱାଧୀନତା ସଂଗ୍ରାମର ଅନୁଭୂତିରେ ସେ ସ୍ୱୟଂ ସଂପୂର୍ଣ୍ଣ।

ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ସରଳା ଦେବୀ, ଯିଏକି ଜଣେ ବିପ୍ଲବିନୀ ବହ୍ନି କନ୍ୟା ଏବଂ ଦାମ୍ଭିକା ସ୍ୱାଧୀନତା ସଂଗ୍ରାମୀ। ଶୈଳବାଳା ଦେବୀ, ରେବା ରାୟ, କିଶୋରୀ ମଣି ଦେବୀ, ହେମବତୀ ଦେବୀ, ରସମଣୀ ଦେବୀ, ଜଗତସିଂହପୁରର ଶ୍ରୀମତୀ ନିଶାମଣୀ ଦେବୀ ଯିଏକି ଗାନ୍ଧିଙ୍କର ଖଟିଖିଆ ଓ କାଟିପିନ୍ଧା ଆହ୍ୱାନରେ ପ୍ରଭାବିତ ହୋଇ ସୂତାକାଟି ଲୁଗାବୁଣି ପିନ୍ଧିବାକୁ ପ୍ରବର୍ତ୍ତାଉଥିଲେ। ବାଲେଶ୍ୱର ଜିଲ୍ଲାର ଗୋଦାବରୀ ଦେବୀ ସ୍ୱାଧିନାତା ସଂଗ୍ରାମରେ ଯୋଗଦେଇ ଗାନ୍ଧିଙ୍କୁ ଓଡ଼ିଆ ଶିଖାଇବାରେ ସାହାଯ୍ୟ କରିଥିଲେ। ସେମିତି ପଶ୍ଚିମ ଓଡ଼ିଶାରେ ମା' ପାର୍ବତୀ ଗିରି ଏବଂ ପ୍ରଭାବତୀ ଦେବୀଙ୍କ ଅବଦାନ କମ୍ ନୁହେଁ। ଏତଦ୍ ବ୍ୟତୀତ ସ୍ୱାଧିନତା ସଂଗ୍ରାମ ନେତ୍ରୀ ନନ୍ଦିନୀ ଶତପଥି, କୋକିଳା ଦେବୀ, ପାରଳାଖେମୁଣ୍ଡିର ରାଣୀ ପାଟ ମହାଦେଇ ଏବଂ ହରାମଣୀ ଦେବୀ, ଅର୍ଣ୍ଣପୂର୍ଣ୍ଣା ଦେବୀ ଇତ୍ୟାଦିଙ୍କ ନାମ ଉଲ୍ଲେଖନୀୟ।

ଉପରୋକ୍ତ ବ୍ୟକ୍ତିଙ୍କ ବ୍ୟତୀତ କେଇଜଣ ମହିୟସୀ ବିଦେଶିନୀ ଏମାଟିକୁ ନିଜର କରି ଭାରତୀୟ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ।

ଏହି ମାନଙ୍କ ମଧ୍ୟରେ ଆନି ବେଶନ୍ତା ଜଣେ ଇଂରେଜ ମହିଳା। ଜନ୍ମ ଅକ୍ଟୋବର, ୧,୧୮୪୭। ସେ ୧୮୯୩ ମସିହାରେ ଭାରତକୁ ଆସି ଏ ମାଟିକୁ ନିଜର କଲେ। ୧୯୧୪ ମସିହାରେ ସେ ଭାରତୀୟ ମୁକ୍ତି ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କଲେ ଏବଂ ତାଙ୍କର ନିଉ ଇଣ୍ଡିଆ ନାମକ ପତ୍ର ମାଧ୍ୟମରେ ଭାରତୀୟମାନଙ୍କ ହୃଦୟରେ ଦେଶାତ୍ମବୋଧ ସୃଷ୍ଟିକଲେ। ୧୯୧୬ରେ ହୋମରୁଲ୍ ବା ସ୍ୱଦେଶୀ ଆନ୍ଦୋଳନରେ ଇଂରେଜ ହୋଇବି, ସେହିମାନଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ। ୧୯୧୭ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ଭାରତୀୟମାନଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ତାଙ୍କର ଦରଦୀ ହୃଦୟ ସଦାବେଳେ କାନ୍ଦି ଉଠୁଥିଲା। ଆମର ଦୁର୍ଭାଗ୍ୟ, ୧୯୩୩ ମସିହାରେ ସେ ଆମଠୁ ଦୂରେଇ ଚିରନିଦ୍ରା ଗଲେ। ସେ ବି ନମସ୍ୟା।

ସେହିପରି ଭଉଣୀ ନିବେଦିତା, ସେବା ଓ ଶ୍ରଦ୍ଧାର ପ୍ରତୀକ। ସେ ବି ଏ ମାଟିକୁ ନିଜର କଲେ ଯଦିଓ ଜନ୍ମ ଆୟରଲ୍ୟାଣ୍ଡରେ ୧୮୬୭ରେ। ବିବେକାନନ୍ଦଙ୍କର ପ୍ରଭାବରେ ସେ ଭାରତ ଭୂମିରେ ପଦାର୍ପଣ କଲେ ୧୮୯୭ ମସିହାରେ। ତାଙ୍କର ପ୍ରକୃତ ନାମ ମାର୍ଗାରେଟ୍ ନୋବେଲ। 'ନିବେଦିତା' ହେଉଛି ବିବେକାନନ୍ଦଙ୍କ ପ୍ରଦତ୍ତ ନାମ। ବିବେକାନନ୍ଦଙ୍କ ଅନ୍ତେ ସେ ଭାରତୀୟ ରାଜନୀତିରେ ପ୍ରବେଶ କଲେ (୧୯୦୨-୧୯୦୪) । ସେ ଆମ ପାଇଁ ଲେଡ଼ି ଉଇଥ୍ ଲ୍ୟାମ୍ପ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସକ୍ରିୟ ରାଜନୀତିରେ ନଥିଲେ ବି, ଆମ ପାଇଁ ସେବାର ମୂର୍ତ୍ତିମନ୍ତର ପ୍ରତୀକ ହେଉଛନ୍ତି ମଦର ଟେରସା। ସ୍ୱାଧୀନତା ପୂର୍ବ ଏବଂ ପରକାଳୀନ ସେବାପାଇଁ ସେ ଯଥାର୍ଥରେ ମା' ନହୋଇ ମା'। ଶାନ୍ତି, ସେବା ଓ ସଦ୍‌ଭାବ ପାଇଁ ସେ ନୋବେଲ୍ ପୁରସ୍କାର ବିଜୟିନୀ।

ଆଗ୍ନେସ୍ ସ୍ଲେଡ଼ଲି, ଅନ୍ୟତମ ବିଦେଶିନୀ ଯିଏକି ଭାରତୀୟମାନଙ୍କ ପାଇଁ କାରବାରଣ କରିଥିଲେ। ଅନ୍ୟଜଣେ ବିଦେଶିନୀ ବ୍ରିଟିଶ୍ ଆଡ଼ମିରାଲ୍‌ଙ୍କ କନ୍ୟା ମୀରବେରନ୍ (ମ୍ୟାଡ୍‌ଲିନ୍) ଯିଏକି ଗାନ୍ଧିଙ୍କ ପାଖରେ ରହି ତାଙ୍କୁ ଛାଇପରି ସେବା ଦେବା ସହିତ ପରୋକ୍ଷରେ ଏ ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ।

ଭାରତୀୟ ମୁକ୍ତି ସଂଗ୍ରାମରେ ଅନେକ ନାରୀ ଶହିଦ୍ ହେଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ମହାରାଷ୍ଟ୍ରର ଗଙ୍ଗୁବାଇ, ଲକ୍ଷ୍ମୀ ଥେରେ, ଗୁଜୁରାଟର ଶ୍ରୀମତୀ କସ୍ତୁରବା ଏବଂ ଲୀଳାବତୀ ଜେଠୀ, ବଙ୍ଗର ଜ୍ୟୋତିର୍ମୟୀ ଗାଙ୍ଗୁଲି, ବୀଣା ଦାସ, ଉର୍ମିଳା ବରିଆ, କୁମାରୀ ପୁଷ୍ପଲତା, ମାତଙ୍ଗିନୀ ହାଜରା, ଶାନ୍ତି ଓ ସୁନିତୀ (ଦୁଇଜଣ ୧୪ବର୍ଷିୟ କିଶୋରୀ) ଓ ନନିବାଳା ଦେବୀ। ସର୍ବପ୍ରଥମେ ଶହୀଦ ହେଲେ ପୁଷ୍ପଲତା। ଉତ୍ତର ପ୍ରଦେଶର ଶ୍ରୀମତୀ ଯମୁନା ମାଲି, କାନପୁରର ନର୍ତ୍ତକୀ ଆଦି ଜାନ୍, ବିହାରର ଅକଲି ଦେବୀ, ଫୁଲ କୁମାରୀ ଦେବୀ, ରାଜସ୍ଥାନର ରାଧାଦେବୀ। ୧୮୫୭ରେ ସିକନ୍ଦରାବାଦ୍‌ରେ ଜଣେ ଅଜଣା ନାରୀ ଶହୀଦ ହେଲେ, ଯାହାପାଇଁ ୧୯୭୩ରେ ଏକ ସ୍ମୃତି ସ୍ତମ୍ଭ ନିର୍ମିତ ହୋଇଛି, ଏବେବି ସେ ଅନାବିଷ୍କୃତ। ସେମିତି ପଞ୍ଜାବର ଆଶା ସିଂହ, ଅରଡ଼ାକନ୍ୟା ସିଂହ, ହରିକୌର, ଆସାମ୍‌ର କୁମାଲି ନାଥ, କନକଲତା ବରୁହା ଏବଂ ଓଡ଼ିଶାର ଶ୍ରୀମତୀ ପାରି ଓ ଗୁରୁବାରୀ ମେହେର୍ (୧୯୪୨)।

ସ୍ୱାଧୀନତା ସଂଗ୍ରାମରେ ନାରୀମାନଙ୍କର ତ୍ୟାଗର ପଟାନ୍ତର ନାହିଁ। କେତେ ଶହୀଦ ହେଲେ, କେତେ ଲଢ଼ିବି ଅଜଣା ରହିଗଲେ, ତା'ର ହିସାବ ଖୋଜିଲେ ଭିନ୍ନ ଏକ ମାଦଳାପାଞ୍ଜି ସୃଷ୍ଟି ହେବ। ବୋଧହୁଏ ସେମାନଙ୍କ ସହଯୋଗ ବିନା ସ୍ୱାଧୀନତା ସଂଗ୍ରାମର ମୋଡ଼ କି ରୂପ ଧାରଣ କରିଥାନ୍ତା କହିହେବ ନାହିଁ।

ଶେଷରେ ଆମେ ଜିତିଲୁ। ୧୯୪୭ ଅଗଷ୍ଟ ୧୪ ରାତି ୧୦.୪୫ ବେଳେ ଶାସନ ଭାର ହସ୍ତାନ୍ତର ସମୟରେ ଯେଉଁ କଣ୍ଠ ଭାରତ ମାତାର ପ୍ରଥମ ପଦ ବନ୍ଦନା କଲା, ସେଥିଲା ଏକ ନାରୀକଣ୍ଠ 'ବନ୍ଦେ ମାତରଂ'। ଜେ.ବି. କୃପାଳିନୀଙ୍କ ପତ୍ନୀ ଶ୍ରୀମତୀ କୃପାଳିନୀଙ୍କର କଣ୍ଠ। ରାତି ପାହିଲେ ଅଗଷ୍ଟ ପନ୍ଦର, ଶୁକ୍ରବାର। ସେତେବେଳେ ନେହୁରୁ କହୁଥିଲେ : ଯେତେବେଳେ ସମସ୍ତେ ଶୋଇଛନ୍ତି, ଠିକ୍ ସେତିକି ବେଳେ ଆମେ ସ୍ୱାଧୀନ ହେଉଛୁ... 'ବନ୍ଦେ ମାତରଂ'।

ଆସ, ଆଜି ସେହି ଅଗଷ୍ଟ ପନ୍ଦରରେ ସେ ନାରୀ ନେତ୍ରୀମାନଙ୍କୁ ସମ୍ମାନ ଜଣାଇ ଏବଂ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ଉପରେ ବିଶ୍ୱାସ ଥାପି ଗାଇବା :

'ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ ଭାଗ୍ୟ ବିଧାତା...."
'ବନ୍ଦେ ମାତରମ୍।'


ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮


# ଦେଶ ପ୍ରେମରେ ଓଡ଼ିଆ ସିନେମା

**ସତ୍ୟ ମହାପାତ୍ର**

ଆଜି ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି କ୍ରମରେ ଆମ ସାଧାରଣ ଜୀବନରେ ପ୍ରାୟତଃ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ସିନେମାରେ ମଧ୍ୟ ଦେଶ ପ୍ରେମ ଓ ଦେଶାତ୍ମବୋଧକ ଗୀତର ମାଧୁର୍ଯ୍ୟ ପ୍ରେରଣା ଯୋଗାଇଛି। ଅନେକ ଗୀତରେ ମାତୃଭୂମିର ଜୟଗାନ ସହ ଅନ୍ୟାୟ, ଦୁର୍ନୀତି, ଅନୀତି ଓ ଶୋଷଣ ବିରୁଦ୍ଧରେ ବିପ୍ଳବର ସ୍ୱର ବି ଶୁଭିଛି। ସାମାଜିକ ଜୀବନ ସହ ଜନ ଜାଗରଣର ବାର୍ତ୍ତା ଦେଇଥିବା କିଛି କାଳଜୟୀ ଓଡ଼ିଆ ସିନେମା ସଂଗୀତ ସମ୍ପର୍କରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆଲୋଚନାଟି ରଖୁଛୁ।

ଓଡ଼ିଆ ସିନେମାରେ ଦେଶାତ୍ମବୋଧ ବା ଦେଶପ୍ରେମର ଭାବନା ଖୋଜିଲାବେଳକୁ ସର୍ବପ୍ରଥମେ ୧୯୬୮ ମସିହାରେ ରିଲିଜ ହୋଇଥିବା ସେ ସମୟର ଲୋକପ୍ରିୟ ସିନେମା 'ସ୍ତ୍ରୀ' ଆସୁଛି। ଏହି ଚଳଚ୍ଚିତ୍ରର ଗଙ୍ଗା ଯେ ଦେଶେ ବହେ, ଯମୁନା ଯେ ଦେଶେ ବହେ..... ଏହି କାଳଜୟୀ ହୃଦୟସ୍ପର୍ଶୀ ଓ ଚେତନାଦାୟୀ ସଂଗୀତକୁ ଲେଖିଥିଲେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି। ତେବେ ନିର୍ମଳା ମିଶ୍ରଙ୍କ ସମେତ ଅନ୍ୟ ପାର୍ଶ୍ୱ କଣ୍ଠଶିଳ୍ପୀଙ୍କ ଏହି ସଂଗୀତରେ ସୁବିଖ୍ୟାତ ଅଭିନେତ୍ରୀ ପାର୍ବତୀ ଘୋଷ ଅଭିନୟ କରିଛନ୍ତି। ତେବେ ପରବର୍ତ୍ତୀ ସମୟରେ ଅନେକ ସଂଗୀତ ଗୁଡ଼ିକ ଦେଶାତ୍ମବୋଧକୁ ନେଇ ତିଆରି ହୋଇଛି। ମନେପକାନ୍ତୁ ସେ ସମୟର ପ୍ରିୟ ଚଳଚ୍ଚିତ୍ର 'ସ୍କୁଲ ମାଷ୍ଟର'। କାଳଜୟୀ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଂଗୀତ ନିର୍ଦ୍ଦେଶନାରେ ମନଛୁଆଁ ଗୀତଟି ଥିଲା 'ଦେ ରେ ସାଥୀ ଦେ' ଯାହାକୁ ଗାଇଥିଲେ ସିପ୍ରା ବୋଷ। ସେହିପରି ସେ ସମୟର ବ୍ୟସ୍ତତମ ଲୋକପ୍ରିୟ ଓଡ଼ିଆ ସିନେ ତାରକା ଶ୍ରୀରାମ ପଣ୍ଡାଙ୍କ 'ଧରିତ୍ରୀ' ସିନେମାରେ ଏକ ହୃଦୟ ଝଙ୍କୃତ କଲାପରି ଗୀତଟି ରହିଥିଲା ତାହା ଥିଲା 'ସ୍ୱର୍ଗାଦପି ଗରୀୟସୀ, ଜନନୀ ମା' ଧରିତ୍ରୀ...'।




ପରବର୍ତ୍ତୀ ସମୟରେ ଦେଶାତ୍ମ ଭାବନା ଭିତରେ ଶ୍ରୋତା ଓ ଦର୍ଶକଙ୍କୁ ବାନ୍ଧି ରଖିବା ପରି ସିନେମା ଆସିଥିଲା 'ଭାଇ-ଭାଉଜ'। ଏହି ସିନେମାର 'ଜନ୍ମ ମାଟି ପଲ୍ଲୀ ଡାକେ....' ଗୀତଟି ହୃଦୟକୁ ଛୁଇଁଲା ପରି। ତେବେ ଠିକ ଏହା ପଛକୁ ଆସିଥିଲା ଓଡ଼ିଆ ସିନେମା 'ଅଦିନ ମେଘ'। ଏହାର 'ଏଇ ଆମରି ଗାଁ...' ଗୀତଟି ତିଆରି କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ।

ତେବେ ଓଡ଼ିଆ ସିନେମାର ସବୁଠାରୁ ଆଲୋଡ଼ନକାରୀ ହୃଦୟସ୍ପର୍ଶୀ ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା 'ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା...'। ୧୯୭୯ ମସିହାର ସୁପରହିଟ୍ 'ବଳୀଦାନ' ସିନେମାରେ ଏହାକୁ ନିଜେ ଲେଖିବା ସହ କଣ୍ଠ ଦେଇଥିଲେ ପ୍ରଫୁଲ୍ଲକର। ମହମ୍ମଦ ମହସିନଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ସିନେମାଟି ଏଯାବତ୍ ହିଟ ପର୍ଯ୍ୟାୟରେ ରହିଛି। ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା 'କଳିଙ୍ଗପୁତ୍ର'ର ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା 'ଯଉ ଦେଶେ ସତ୍ୟ ପାଇଁ ଗାନ୍ଧୀ ଗୁଳି ଖାଏ.....'। ତେବେ ଅଶି ଶତକର ସବୁଠାରୁ ଓଡ଼ିଆ ସିନେମାରେ ବକ୍ସ ହିଟ ସାବ୍ୟସ୍ତ ହୋଇଥିବା ସିନେମାଟି ଥିଲା 'ଲାଲପାନ ବିବି' ଓ 'ପକା କମ୍ବଳ ପୋତ ଛତା'। ପ୍ରଥମ ସିନେମାର 'ଏ ଦୁନିଆ ମାଟି ହାଣ୍ଡି....' ଓ ଦ୍ୱିତୀୟ ଅର୍ଥାତ ପକା କମ୍ବଳ ପୋତ ଛତା ସିନେମାର 'ସତ କହି ପାଏ ପଛେ ଫାଶୀ ଓ ଲଙ୍ଗଳା ଫକୀରର ଆମେରେ ସନ୍ତାନ' ଗୀତଟି ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା। ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ଆଇ ଲଭ ମାଇଁ ଇଣ୍ଡିଆ'। ବର୍ତ୍ତମାନ ସମୟର ହିଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କଣ୍ଠଦାନ କରିଥିଲେ ବିଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ କୁମାର ବାପି। ସେହିପରି ୨୦୦୮ରେ ମକ୍ତିଲାଭ କରିଥିବା 'ବନ୍ଦେ ଉତ୍କଳ ଜନନୀ' ଓ ୨୦୧୮ରେ ରିଲିଜ ହୋଇଥିବା 'ପ୍ରେମ କୁମାର' ସିନେମାରେ ଦେଶାତ୍ମ ଭାବନାର ବାସ୍ନା ଭରି ରହିଥିଲା। ତେବେ ୨୦୧୯ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ବିଜୁବାବୁ'। ସେହିପରି ୨୦୨୧ର ସିନେମା 'ଶହୀଦ ରଘୁ ସର୍କାର' ମଧ୍ୟ ଦେଶ ଭାବନାର ବାର୍ତ୍ତା ଭିତ୍ତିକ ସଂଗୀତକୁ ପରିସ୍ଫୁଟିତ କରିଥିଲା। ସେହିଭଳି ଏହି ବର୍ଷ ବଜାରକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର 'ଅପରେସନ-୧୨ / ୧୭'ର ଗୀତଟି ମଧ୍ୟ ଦେଶାତ୍ମବୋଧକ ଭାବନାକୁ ନେଇ। ଏହାର 'ଡାକୁଛି ତ୍ରିରଙ୍ଗା, ଡାକୁଛି ଗଙ୍ଗା' ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଛି। ସ୍ୱାଧୀନତା ସଂଗ୍ରାମର ଆଲୋଚନା କଲାବେଳକୁ ଦେଶପ୍ରେମ ଭାବନାର ଏହି ହୃଦୟସ୍ପର୍ଶୀ ସିନେ ସଂଗୀତ ବିଶେଷକରି ଆମ ଯୁବପିଢ଼ିଙ୍କୁ ଦେଶପ୍ରେତି ସେବା ଭାବନାର ଉତ୍ସର୍ଗୀକୃତ ପ୍ରେରଣା ଯୋଗାଇଥାଏ।


କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ ଡ଼ି, ସେକ୍ଟର-୬, କଟକ,
ମୋ: ୯୬୫୮୧୦୫୫୩୨


## ଏଇ ମୋର ଜନ୍ମଭୂମି

**ଆଦ୍ୟାଶା ମହାପାତ୍ର**

ଏଇ ମୋର ଜନ୍ମଭୂମି ମୋ ପ୍ରିୟ ଭାରତ
ଜାତୀୟ ପତାକା ଆମ ତ୍ରିରଙ୍ଗା ବିଦିତ,
ସ୍ୱାଧୀନତା ପର୍ବେ ସିଏ ଉନ୍ମନା ଉତ୍ତାଳ
ତା ପାଇଁକି ଦେଶବାସୀ ଖୁସିରେ ବିହ୍ୱଳ ।।

ଉତଥିତ ଧ୍ୱଜା ତଳେ ସର୍ବେ ମଥାନତ
ମୈତ୍ରୀ ଆଉ ଏକତାର ସେ ପରିଚାୟକ
ଦୀକ୍ଷା ଦିଏ ଜଗତକୁ ଶାନ୍ତିରୈବ ଶାନ୍ତି
ଅନୁରାଗେ ଝଲମଲ ହୃଦେ ଭରା ପ୍ରୀତି ।।

ବସୁଧୈବ କୁଟୁମ୍ବକମ୍ ବାଣୀର ବ୍ୟାଖ୍ୟାନ
ନିର୍ଯ୍ୟାସ ଯାହାର ସର୍ବେ ଭବନ୍ତୁ ସୁଖୀନଃ,
ଅସତୋ ମା ସଦ୍ଗମୟ ତମସାରେ ଜ୍ୟୋତି
ମୃତ୍ୟୁରେ ଅମୃତ ଦୃଷ୍ଟି ଏ ମାଟିର ଦ୍ୟୁତି ।।

ପିତୃମାତୃ ଦେବୋ ଭବ ଆଚାର୍ଯ୍ୟ ଅତିଥି
ଗୁରୁ ଗୁରୁଜନ ପଦେ ଅଟଳ ଭକତି,
ନାରୀ ଯହିଁ ପୂଜନୀୟା ମାତୃ ନିରାଜନା
ମୁନି ଋଷି ବେଦବାଣୀ ଝଙ୍କୃତ ପ୍ରାର୍ଥନା ।।

ଧର୍ମଗ୍ରନ୍ଥ ଗୀତା ଶ୍ରେଷ୍ଠ ଜ୍ଞାନର ଭଣ୍ଡାର
ପ୍ରତି ହୃଦ ସ୍ପନ୍ଦନରେ ତୋଳଇ ଓଁକାର
'ସତ୍ୟମେବ ଜୟତେ' ମୂର୍ଚ୍ଛନା ମନ୍ଦ୍ରିତ
ବିଶ୍ୱ ବକ୍ଷେ ବୁଣେ ଗାଥା ଶାଶ୍ୱତ ପବିତ୍ର।।

ଜୀବେଦୟା ଅହିଂସାର ଭାବମୟ ମନ୍ତ୍ର
ଉଚ୍ଚାରଣେ ଆଚରଣେ ପୂର୍ଣ୍ଣ ପରୀକ୍ଷିତ,
ସତ୍ୟ ଶାନ୍ତି ଦୟା କ୍ଷମା ଚାରି ସ୍ତମ୍ଭ ଯତି
ନର ନାରାୟଣ ଦୃଷ୍ଟି ଧର୍ମର ସଂସ୍କୃତି ।।

+ନୂଆପଡା, କଟକ

## ସ୍ୱାଧୀନତା ଦିବସ

**ଧନୁର୍ଯ୍ୟ ମାଝୀ**

ସ୍ୱାଧୀନ ଏ ମାଟି ଭାରତ ବର୍ଷ
ପାଣି ପବନ ତାର ମୁକ ସାକ୍ଷୀ
ସ୍ୱାଧୀନ ଆଣିବାକୁ କେତେ ବୀର ଯବାନ
ବୁଜିଦେଲେ ନିଜ ଆଖି ।

ଦୁଇ ଶହ ବର୍ଷ ପରାଧୀନ ଥିଲା
ଏ ଭାରତ ସୁନାର ମାଟି
ଭାରତ ମାଟିକୁ ସ୍ୱାଧୀନ ଆଣିବାକୁ
ସଂଗ୍ରାମୀ ଖାଇଲେ କେତେ ଲାଟି ।

ଭାରତ ମାଟିର ସୁଯୋଗ୍ୟ ସନ୍ତାନ
ଲଢ଼ିଗଲେ ଆମ ପାଇଁ
ତ୍ରିରଙ୍ଗା ପତାକା ଉଡୁଛି ପବନେ
ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ।

ମହାପୁରୁଷଙ୍କ କରକମଳରେ
ହଟି ଗଲା ଇଂରେଜ ଶାସନ
ଭାରତ ମାଟିରେ ପୂଜା ପାଉଅଛି
ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ।

ସପନ ଦେଖିବା ସୁନ୍ଦର ଗଢିବା
ଏ ଭାରତ ମାଟିର ମହାନତା
ସଂଗ୍ରାମୀ ମାନଙ୍କୁ ମନେ ପକାଇବା
ଆମ ପାଇଁ ଆଣିଥିବା ସ୍ୱାଧୀନତା ।

ଉଣେଇଶ ସହ ସତ୍‌ଚାଳିଶ ଅଗଷ୍ଟ ପନ୍ଦର
ସ୍ୱାଧୀନ ଏ ଭାରତ ମାଟି
ଆଶା ଓ ଆକାଂକ୍ଷା ପ୍ରତିଜ୍ଞା ରଖି
ସ୍ୱର୍ଣ୍ଣରେ ଗଢିବା ଏ ଭାରତ ମାଟି ।

+ବଣ୍ଡୋଗୁଡା, ଜୁନାଗଡ଼( କଳାହାଣ୍ଡି )
ମୋ -୭୭୩୫୧୫୯୨୩୫

# ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ




ପଞ୍ଚୁପାଲି, ୧୪/୮ (ନି.ପ୍ର): ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ବୁଧବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଶିବିରରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ମହାବିଦ୍ୟାଳୟ ପରିସରରୁ ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ତ୍ରିରଙ୍ଗା ଯାତ୍ରା ବାହାରି ଆଖ ପାଖ ଅଞ୍ଚଳଦେଇ ପଞ୍ଚୁପାଲି ହଟ ଯାଏ ଯାଇଥିଲା । ସେଠାରେ ଲୋକମାନଙ୍କୁ ଜାତୀୟ ପତାକା ବଣ୍ଟନ କରିବା ସହିତ ଘରେ ଘରେ ତ୍ରିରଙ୍ଗା ପତାକା ଲଗାଇ ସ୍ୱାଧୀନତା ଦିବସକୁ ନିଆରା ଢଙ୍ଗ ରେ ପାଳନ କରିବାକୁ କହି ଥିଲେ । ଏହି ତ୍ରିରଙ୍ଗା ଯାତ୍ରା ମହାବିଦ୍ୟାଳୟ କୁ ଫେରିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ ଙ୍କ ଅଧ୍ୟକ୍ଷ ତାରେ ଏକ ସଭା ଅନୁଷ୍ଠିତ ହେଇଥିଲା । ଅଧ୍ୟାପକ ଡ. ଲକ୍ଷ୍ମୀ କାନ୍ତ ରଥ,ଅଧ୍ୟାପକ ସୁଧୀର କୁମାର ନନ୍ଦ, କୃଷ୍ଣା ନନ୍ଦ ପାତ୍ର, ବନମାଳୀ ପରିଡ଼ା, ଅଧ୍ୟାପିକା ସବିତା ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ମାଧ୍ୟମରେ ସ୍ୱାଧୀନତା ଦିବସକୁ ଏକ ନିଆରା ଉତ୍ସବ ରୂପେ ପାଳନ କରିବା ପାଇଁ ପ୍ରତି ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ସହିତ ଜନ ସଧାରଣ ଏଥିରେ ସାମିଲ ହେବା ଦରକାର ବୋଲି କହି ଥିଲେ ।

# ସ୍ୱଚ୍ଛ ଭାରତ ଅଭିଯାନ

ବସ୍ତା , ୧୪/୮ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦ୍ଧା ପଞ୍ଚାୟତ ଗାନ୍ଧୀଛକ ଠାରେ ସ୍ୱଚ୍ଛ ଭାରତ ଅଭିଯାନର ଜିଲ୍ଲା ସଭାପତି ବାସୁଦେବ ପଣ୍ଡାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ବାବୁ ପାଣି, ବିଜେପିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ବିଜେପିର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୁବମୋର୍ଚ୍ଚା ସଭାପତି ଧୀରେନ ସେଠି, ବିଜେପିର ମଣ୍ଡଳ ସଭାପତି ରଂଜନ କୁମାର ମହାନ୍ତି, ବିଜେପିର ସିଂଲା ପଞ୍ଚାୟତ ସଭାପତି ରାଧା ଭାଇ, କୁଡିଆ ପଞ୍ଚାୟତ ସଭାପତି ବୁଲୁ ପଣ୍ଡା ସମେତ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

GOVERNMENT OF ODISHA
OFFICE OF THE EXECUTIVE ENGINEER,
RWS&S DIVISION, RAIRANGPUR.
Email: -eerwss_rai@nic.in, eerwss.rai@gmail.com, Phone-06494-223901
* * * * * *
NATIONAL COMPETITIVE BIDDING THROUGH e-Tendering

*Corrigendum Notice No. 1 of Bid Identification No.**08** of **2024-25***

The correction of the approximate value of Work and EMD for the work of Sl. No. 06 of this office Bid Identification No. 08 of 2024-25 has been modified as follows due to some typical error keeping all other terms & conditions remaining un-altered.

| Work Sl. No of the Identification No. 08 of 2024-25 | Previous Approximate value of Work (Rs in Lakh) | Present Approximate value of Work (Rs in Lakh) | Previous EMD (Rs) | Present EMD (Rs) |
|---|---|---|---|---|
| 06 | 8.47 | 5.47 | 9000.00 | 6000.00 |

Executive Engineer,
RWS &S Division,
Rairangpur

OIPR: 25010/11/0006/2425

# ଶିକ୍ଷକ ଦାବି ଦିବସରେ ଯୋଗ ଦେବେ ଭଦ୍ରକ ଜିଲ୍ଲା ୬୬୨ କଲେଜ ସଂଘ

ଭଦ୍ରକ, ୧୪/୮ (ନି.ପ୍ର): ଭଦ୍ରକ ଜିଲ୍ଲା ୬୬୨ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ଏକ ଆଭାସୀ ବୈଠକ ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଜିଲ୍ଲା ସଭାପତି ଅଧ୍ୟାପକ ଆଦିତ୍ୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ସଭାପତି ଶ୍ରୀ ଗୋଲକ ନାୟକ ଉପସ୍ଥିତ ରହି ସଂଗଠଦର ଦାବି ଓ ଆଭିମୁଖ୍ୟ ସଂପର୍କରେ ନିଜର ମତ ବ୍ୟକ୍ତ କରିଥିଲେ । ଅଧ୍ୟାପକ କର୍ମଚାରୀମାନେ ଦୀର୍ଘ ଦିନ ଶିକ୍ଷା ପ୍ରଦାନ ପୂର୍ବକ ମାନବ ସଂବଳର ବିକାଶ କରିଆସୁଥିଲେ ହେଁ ଅବସରକାଳୀନ ସୁବିଧା ବା ପେନ୍ସନ୍ ପାଇବାରୁ ବଂଚିତ । ଏହା ଫଳରେ ସେମାନଙ୍କ ସହ ତାଙ୍କ ପରିବାରର ସାମାଜିକ ତଥା ଆର୍ଥନୀତିକ ସୁରକ୍ଷା ବିପନ୍ନ ହେଉଛି । ଏହା ଆମ ସମାଜ ତଥା ସମଗ୍ର ରାଜ୍ୟ ପାଇଁ ଏକ ଦୁଃଖ ଓ ପରିତାପର ବିଷୟ । କୌଣସି ଚାକିରି ସର୍ତ୍ତାବଳୀ ନଥାଇ କର୍ମଚାରୀଟି ଦଶନ୍ଧି ଦଶନ୍ଧି ଧରି କାର୍ଯ୍ୟ କରୁଥିବାରୁ ଏବଂ ଅବସର ପରେ ଖାଲି ହାତରେ ଫେରୁଥିବାରୁ ଏକ ଅନିଶ୍ଚିତ ବିପନ୍ନ ଜୀବନର ଆଶଙ୍କାରେ ସେମାନେ ବିଷାଦଗ୍ରସ୍ତ ହୋଇପଡୁଛନ୍ତି । ଏଣୁ ସମସ୍ତଙ୍କୁ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ସହ ପେନ୍ସନ୍ ପ୍ରଦାନ ଏବଂ ଅସମତା ଦୂରୀକରଣ ଆଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଆଲୋଚନା କରାଯାଇଥାଲା । ରାଜ୍ୟର ଜନପ୍ରିୟ ମାନନୀୟ ମୁଖ୍ୟମନ୍ତ୍ରୀ, ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ତଥା ଅନ୍ୟନ୍ୟ ସମସ୍ତ ନେତୃମଣ୍ଡଳୀ ଏହାକୁ ସହୃଦୟତାର ସହ ବିଚାର କରିବେ ବୋଲି ସଂଘର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନାୟକ ଆଶା ପୋଷଣ କରିଛନ୍ତି । ଶିକ୍ଷକର ନ୍ୟାର୍ଯ୍ୟ ଅଧିକାର ସରକାର ଦାବି ଦିବସରେ ପୂରଣ କରନ୍ତୁ ବୋଲି ସମସ୍ତ କଲେଜର ଅଧ୍ୟାପକ, କର୍ମଚାରୀ ନିବେଦନ କରିଥିଲେ ।

# ବାଲିଆପାଳ ବ୍ଲକ ପ୍ରଶାସନର ସ୍ୱାଧୀନତା ସଂଗ୍ରାମୀଙ୍କୁ ହେୟ ଜ୍ଞାନ

ବାଲିଆପାଳ/ଲଙ୍ଗଳେଶ୍ୱର, ୧୪/୮ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରଶାସନ ବାଲିଆପାଳ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ହେୟ ଜ୍ଞାନ କରୁଥିବା ଗୁରୁତର ଅଭିଯୋଗ ହୋଇଛି । ସଂଗ୍ରାମୀ ପରିବାରର ଦୟାଦ ମାନେ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଛନ୍ତି । ପ୍ରାୟେ ୨୦ ବର୍ଷ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସ୍ତମ୍ଭ ନିର୍ମାଣ କରାଯାଇ ଥିଲା । ମାତ୍ର ସ୍ତମ୍ଭରେ ଲେଖାଯାଇ ଥିବା ସଂଗ୍ରାମୀ ମାନଙ୍କ ନାମରେ ଅନେକ ତ୍ରୁଟି ଥିଲା । ଯାହାକୁ ସେତେବେଳର ବିଡ଼ିଓ ଙ୍କ ଦୃଷ୍ଟି କୁ ସ୍ଥାନୀୟ ଲୋକମାନେ ଆଣି ଥିଲେ । ତାହାକୁ ସଂଶୋଧନ କରାଯିବ ବୋଲି କୁହା ଯାଇ ଥିଲା । ମାତ୍ର ଦୀର୍ଘଦିନ ବିତି ଯାଇ ଥିଲେ ବି ସଂଶୋଧନ କରାଯାଇ ନାହିଁ ।ଅନ୍ୟ ପକ୍ଷରେ ସଂଗ୍ରାମୀ ସ୍ମାରକୀ ସ୍ତମ୍ଭଟି ଏବେ ଭାଙ୍ଗି ରୁଜି ଯାଇ ଥିଲେ ବି ପ୍ରଶାସନ ର ନଜର ଅଦ୍ୟାବଧି ପଡ଼ି ନାହିଁ । ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ, ସୁବର୍ଣ୍ଣ ରେଖା ପ୍ରେସ କ୍ଲବ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଆଦି ସଂଗଠନ ଗୁଡିକ ବାରଂ ବାର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ଅଦ୍ୟାବଧି କିଛି ବି ହୋଇ ନାହିଁ ।ଏହାକୁ କେନ୍ଦ୍ରକରି ସଂଗ୍ରାମୀ ପରିବାରର ଦାୟାଦମାନେ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ରାଷ୍ଟ୍ର ଉଦ୍ଦେଶ୍ୟରେ...

ରାସନ ପାଉଛନ୍ତି । ଜି-୨୦ର ସଫଳ ଆୟୋଜନ କରି ବିଶ୍ୱରେ ଭାରତ ପରାକାଷ୍ଠା ଦେଖାଇଛି । ବିବିଧତା ଭିତରେ ଏକତା ରଖି ଆମେ ଆଗକୁ ନିରନ୍ତର ବଢୁଛୁ । ସାମାଜିକ ନ୍ୟାୟ ସରକାରଙ୍କର ପ୍ରାଥମିକତା ହୋଇଛି । ମହିଳାଙ୍କୁ କେବଳ ସମାନତା ନୁହେଁ ଉପରକୁ ଉଠିବାକୁ ପ୍ରାଥମିକତା ମିଳୁଛି । ଏଥିପାଇଁ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି । ନାରୀ ସଶକ୍ତୀକରଣ ପାଇଁ ନାରୀଶକ୍ତି ବନ୍ଦନ ଲାଗୁ କରିଛୁ । ଯୁବ ପ୍ରତିଭାଙ୍କୁ ରୋଜଗାର ଯୋଗାଇବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଡିଜିଟାଲ ଟେକ୍ନୋଲୋଜିକୁ ଆଜି ଅନ୍ୟ ଦେଶ ଟାମ୍ପଲେଟ ମାନିଲେଣି ।" ସ୍ୱାଧୀନତା ଦିବସ ଅଭିଭାଷଣରେ ଭାରତର ଖେଳାଳିମାନଙ୍କୁ ରାଷ୍ଟ୍ରପତି ମୁର୍ମୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, "ପ୍ୟାରିସ ଅଲିମ୍ପିକ୍ସରେ ଭାରତ ବେଶ ଭଲ ପ୍ରଦର୍ଶନ କରିଛି । ଟି-୨୦ରେ ଭାରତୀୟ କ୍ରିକେଟ ଦଳ ମଧ୍ୟ ବିଶ୍ୱ ଚାମ୍ପିଅନ ହୋଇଛି । ସବୁ ବର୍ଗର ଖେଳାଳିଙ୍କୁ ମୁଁ ଏଥିପାଇଁ ବଧେଇ ଜଣାଉଛି ।"

### ଭିକେ ପାଣ୍ଡିଆନ୍‌ଙ୍କ ...

ମକଦମା କଲି ଏବଂ ସବୁ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ସଂଗ୍ରହ କଲି । କେମିତି ଚାଟାର୍ଡ ବିମାନରେ ବୁଲୁଥିଲେ ତାର କୌଣସି ତଥ୍ୟ ସରକାରୀ ଦପ୍ତରରେ ମିଳୁ ନାହିଁ । ସରକାର ଚାହିଁଲେ ବିନା ଅନୁମତିରେ ସରକାରୀ ଅର୍ଥକୁ ଯେଉଁ ଅପବ୍ୟୟ କରିଛନ୍ତି ତା ଉପରେ କ୍ରାଇମ୍ ବ୍ରାଞ୍ଚ କିମ୍ବା ପୁଲିସକୁ ତଦନ୍ତ ପାଇଁ ଲଗାଇପାରିବେ ।

# ବାସୁଦେବପୁରରେ ହର୍ ଘର ତ୍ରିରଙ୍ଗା ଶୋଭାଯାତ୍ରା

ବାସୁଦେବପୁର, ୧୪/୮ (ନି.ପ୍ର): ବାସୁଦେବପୁର ସହରରେ ବାସୁଦେବପୁର ବି ଜେ ପି ପକ୍ଷରୁ ହର୍ ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଶୋଭାଯାତ୍ରାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାନ ସଭା ପ୍ରାର୍ଥୀ ତଥା ଯୁବ ନେତା ବାଣୀ କଲ୍ୟାଣ ମହାନ୍ତି, ବରିଷ୍ଠ ନେତା ଅଶୋକ ସାହୁ, ସଂଯୋଜକ ଡକ୍ଟର ପ୍ରତାପ ନାୟକ, ଭରତ ମିଶ୍ର, ଲିଙ୍କୁନ ଦଳେଇ, ବାପି ଡା ଙ୍ଗୁଆ, କପିଳ ପଟ୍ଟନାୟକ, ରାଜା କୁମାର ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ବସନ୍ତ ନାୟକ, ଅନାଦି ବେହେରା, ମୁକ୍ତି କାନ୍ତ ନାୟକ, ବଂଶୀଧର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି, ଜାତିର ଜନକ ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତି ରେ ଯୁବ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବାଲି ନଗର ଯାଦବ ପଡ଼ିଆରୁ ବିଶାଳ ଶୋଭାଯାତ୍ରା ବାହାରି ନୀଳମଣି ଟାଉନ ହଲ ପାଖରେ ପହଞ୍ଚି ଥିଲା । ଭାରତ ମାତା କି ଜୟ, ରାଷ୍ଟ୍ରୀୟ ଝଣ୍ଡା କି ଜୟ, ବନ୍ଦେ ମାତରଂ ସ୍ଲୋଗାନ ରେ ପରିବେଶ ପ୍ରକମ୍ପିତ ହୋଇ ଥିଲା । ଶହ ଶହ ଜନ ସାଧାରଣ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।

# ସଫେଇ ଓ ତ୍ରିରଙ୍ଗା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ/ଲଙ୍ଗଳେଶ୍ୱର, ୧୪/୮ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ପାଳନ କରା ଯାଉଥିବା ଅମୃତ ମହୋତ୍ସବ ପରି ପ୍ରେକ୍ଷୀରେ ବୁଧବାର ଦିନ ବାଲିଆପାଳ ବ୍ଲକ ସମେତ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବାଲିଆପାଳ ବ୍ଲକ ପରିସରରେ ସଫେଇ ଓ ପରେ ବାଲିଆପାଳ ସମେତ ଆଖପାଖ ଦୋକାନ ଓ ଗାଁ ଗୁଡିକରେ ଘରେ ଘରେ ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଥିଲା । ପ୍ରଥମେ ବ୍ଲକ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭଲ ଭାବରେ ପରିଷ୍କାର କରାଯାଇଥିଲା ଓ ପରେ ଝାଡୁ, କୋଦାଳ, ରମ୍ପା ଆଦି ଧରି ବାଲିଆପାଳର ରାଜନୈତିକ ନେତାଙ୍କ ସମେତ ବିଶେଷ ଗଣ୍ୟମାନ୍ୟ ବ୍ୟକ୍ତି ସଫେଇ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ । ଏମାନଙ୍କ ମଧ୍ୟରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ଅଧ୍ୟାପକ ତଥା ସାମ୍ବାଦିକ ବୀର ମାଧବ ଦାସ, ବରିଷ୍ଠ ଭାଜପା ନେତା ଅରବିନ୍ଦ ବେହେରା, ଅଜୟ କୁମାର ସାହୁ, ନିତ୍ୟାନନ୍ଦ ସାହୁ, ସରପଞ୍ଚ ଲମ୍ବୋଦର ମହାନା, ଭାଜପାର ପୁରୁଷ ଓ ନାରୀ କର୍ମକର୍ତ୍ତାଗଣ ଓ ବ୍ଲକ କର୍ମଚାରୀମାନେ ଏଥିରେ ସହଯୋଗ କରି ଥିଲେ । ପରେ ଭାଜପାର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ପଥପ୍ରାନ୍ତ ଦୋକାନ ସମେତ ସିମୁଳିଆ ବଜାରର ସମସ୍ତ ଦୋକାନରେ ଓ ବାଲିଆପାଳର ଆଖ ପାଖ ଗାଁ ମାନଙ୍କରେ ଘରେ ଘରେ ତ୍ରିରଙ୍ଗା ପତାକା ବଣ୍ଟନ କରା ଯାଇଥିଲା ।







# ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା

**ତପନ କୁମାର ପାଲ**



ରାଣୀ ଚେନାମ୍ମା : ୧୮୨୪ରେ କିଞ୍ଚୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଈ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ତ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଈ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଈଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଈ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଈ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଈଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଈ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅଓ୍ୱଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ 'ଝରଣାର ପାଣି' ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ୱାଦେଦର : ୧୯୧୧ ମେ' ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା' ପ୍ରତିଭା ୱାଦେଦର ସ୍ଥାନୀୟ ବିପ୍ଲବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା ।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା' ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଲବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗରିଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ଋଷିକେଶରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ 'ପୂଣ୍ୟାଶ୍ରମ' ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବୈଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ ଦେଲେ ମଧ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ରୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦ୍ରୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ ।

କମଳାଦେବୀ ଚଟ୍ଟୋପାଧାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକର ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଳିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ରଖିଥିଲେ । ସେ ମହାତ୍ମା ଗାନ୍ଧି, ଜବାହାରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁ ଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ି ଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାରଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


## ସ୍ୱାଧୀନତା ଦିବସ



**ଡକ୍ଟର ମନୋରଞ୍ଜନ ବିଷୋୟୀ**

ଦିନ ପରେ ମାସ
ମାସ ପରେ ମାସ
ଆଉ ବର୍ଷରୁ କେତୋଟି ନେଇ
ଆଗେଇ ଆସିଛୁ ଆମେ
ସ୍ୱାଧୀନତା ଦିବସ
ପାଳନ କରିବା ପାଇଁ ।

ହେଲେ ପୁରୁଣା କ୍ଷତାକ୍ତ ସ୍ମୃତିରୁ ମୁଠେ
ପକେଟ୍‌ର ମଇଳା କନ୍ଦରୁ
ମୁହଁ କାଢ଼ି ଚାହିଁ ରହିଛି
ନିକୁଟି ହସିବା ପାଇଁ ।

ମଲମରେ ଶୁଖିଯାଏ ନାଲିଆ କ୍ଷତଟା
ଦାଗଟାକୁ ପଛେ ଛାଡ଼ିଦେଇ
କିନ୍ତୁ ଆମ ସାଥେ
ସ୍ମୃତିରୁ ମୁଠାଏ ଛଡ଼ା
ଏବେ ଆଉ କିଛି ନାହିଁ ।

ସେପରି ସ୍ୱାଧୀନତାର ସତସ୍ତରୀ ବର୍ଷ
ମୁଠାରୁ କେବେ ଯେ ଖସିଛି
ସେ ସବୁ ଏବେ ଆଉ
ମନେ କିଛି ନାହିଁ ।

ଦିନ ଗଡ଼ିଗଲା ପରେ
ହଠାତ୍ ପଛକୁ ଫେରି
ମନେ ହେଲା ସ୍ୱାଧୀନତାର
ପୁଣି ଏକ ବର୍ଷ ଗଲାକି ପଳାଇ ।

କିନ୍ତୁ ସନ୍ଦେହର ଫୁଲ୍‌କା ମୁହଁରେ
ଲକ୍ଷ ଲକ୍ଷ ପ୍ରଶ୍ନବାଚୀ ଆସି ପ୍ରଶ୍ନ କଲେ
ସବୁ ଯଦି ଏକାପରି ଅଛି ତେବେ
ସ୍ୱାଧୀନତା ଦିବସ କାହାପାଇଁ ?

ଆଜି ବି ରୋଗୀ ଖଟିଆରେ ବୁହା ହେଉଛି
ନାରୀଟିଏ ବିକ୍ ବଜାରରେ ଧର୍ଷିତା ହେଉଛି
ପେଟ ବିକଳରେ ମା' ଶିଶୁ ବିକ୍ରି କରୁଛି
ନିର୍ଯାତିତଙ୍କ କ୍ରନ୍ଦନରେ ଫୁଟ୍‌ପାଥ୍ ପ୍ରକମ୍ପିତ ହେଉଛି ।

ଶହ ଶହ ଜନତାଙ୍କ କ୍ଷୁଧାତୁର
କରୁଣ ଆଖି ଡୋଳାରେ
ଅଜସ୍ର ସ୍ୱପ୍ନର ମୃତ୍ୟୁ ଘଟିଚାଲିଛି ।

ଶହ ଶହ ଭୋକିଲା ଖାଇବାର ଅଭିମାନ ନେଇ
ସଭ୍ୟତାକୁ ଆଖି ବୁଜି
ଶୁଖିଲା ପତ୍ରରୁ ବିକଳରେ ଜୀବନ ଖୋଜୁଛି ।

ଶିକ୍ଷିତ ଯୁବଗୋଷ୍ଠୀ
ମଇଳା ବ୍ୟାଗ୍‌ର ଅନ୍ଧାରୁଆ ବକ୍ସ
ଯୋଗ୍ୟତାର ପତ୍ର ଖୋଜିଲା ବେଳେ
ସ୍ୱାଧୀନତାର ମହତ୍ତ୍ୱ କ'ଣ ବୁଝିଛି ?

ଯେତେବେଳେ ବେକାରି
ଅନାହାର ମାନବ ସନ୍ତାନ
ବଞ୍ଚିବାର ପ୍ରବଳ ଆଶାରେ
ଦିନ ଅବା ରାତି କ'ଣ ଗଣିଛି ?

କହିପାରିବ କି ତା' ନିକଟରେ କିପରି ବିତୁଛି
ସ୍ୱାଧୀନ ଭାରତବର୍ଷର ସତସ୍ତରୀ ବର୍ଷ ପୂର୍ତ୍ତି ?
ତଥାପି ପୁଣି ଏକ ସ୍ୱାଧୀନତା ଦିବସ ପେଟେଇ ଆସିଛି ।
ଅନେକଙ୍କ ମନରେ ତୋଳି ଆଶାର କିରଣ
ପୁଣି ଶୁଭପଦ କିଛି ।

ତେଣୁ ତ ଏ ବିଚ୍ଛିନ୍ନ ମାନବ ସନ୍ତାନ
ଦିଗନ୍ତ ବିସ୍ତାରୀ ଦୁଃଖ ଆଉ ଯନ୍ତଣାର ସରୀସୃପ ନେଇ
ସ୍ୱାଧୀନତା ଦିବସକୁ ସ୍ୱାଗତ କରିଛି ।


+ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭


## ଜାତୀୟ କେତନ ଉଡ଼ିବ

**ନିରଞ୍ଜନ ସାହୁ**

ଜାତୀୟ ପତାକା ଉତ୍ତୋଳନ ହେବ
ତହିଁରୁ କୁସୁମ ଝଡିବ
ମୁକ୍ତ ଆକାଶେ ଜାତୀୟ କେତନ
ଫରଫର ହୋଇ ଉଡ଼ିବ ।

ବହୁ କଷ୍ଟଲବ୍ଧ ସ୍ୱାଧୀନତା ସୂର୍ଯ୍ୟ
କେବେ ଅସ୍ତମିତ ହେବନି
ପ୍ରତିଜ୍ଞା କରିଛି ସ୍ୱାଧୀନ ସନ୍ତାନ
ଶତ୍ରୁଙ୍କୁ ସୁଯୋଗ ଦେବନି
ଅନ୍ତଃଶତ୍ରୁ ବାହ୍ୟଶତ୍ରୁ ଯେତେ ଥିବେ
ସଭିଙ୍କର ମୁଣ୍ଡ ଗଡିବ ।

ଜାତୀୟତା ଭାବ
ଜାଗ୍ରତ ହୋଇଛି
ଜାତୀୟ ସଂହତି ରହିବ
ମୌଳିକ କର୍ତ୍ତବ୍ୟ ପାଳନ କରିବୁ
ଏକ ସ୍ୱରେ ସର୍ବେ କହିବ
ଦେଶପ୍ରେମ ମନ୍ତ୍ରେ
ଉଦବୁଦ୍ଧ ହୋଇ
ଦେଶଦ୍ରୋହୀଙ୍କୁ ତ ତଡିବ ।

ଇତିହାସ ସାକ୍ଷୀ ରହିଅଛି ଏବେ
ବିଦେଶୀ ଶାସନ କେମିତି
ଅତୀତରୁ ଶିକ୍ଷାଲାଭ କରି ଆମେ
ପ୍ରଗତି କରିବା ଯେମିତି
ସ୍ୱାଧୀନତା ସଂଗ୍ରାମର କଥା ଗାଥା
ଆଜି ନିଶ୍ଚେ ମନେ ପଡିବ ।

ଆକୁମାରୀ ହିମାଚଳ ପରିଯନ୍ତେ
ଜୟଧ୍ୱନି ଆମେ କରିବା
ଶପଥ କରିବା ତ୍ରିରଙ୍ଗା ପାଇଁକି



ଦେଶପ୍ରେମ ନୀତି ଧରିବା
' ଭାରତ ମାତା କୀ ଜୟ' ଧ୍ୱନି ଦେଇ
ଶତ୍ରୁ ସାମନାରେ ରଡିବା ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ : ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ଶାନ୍ତି ମୈତ୍ରୀର ସଙ୍ଗୀତ ଗାଏ ଭାରତ

**ନୂତନ କୁମାର ବେହେରା**

ମଧୁମୟ ଏ ଜଗତ
କରିବାକୁ ମଧୁମିତ,
ଶାନ୍ତି ମୈତ୍ରୀର ସଙ୍ଗୀତ
ଗାଏ ମୋ ଦେଶ ଭାରତ ।
ପୁରାଣରୁ ଇତିହାସ
ଭରା ଅଛି ଯା'ର ଯଶ,
ଗାଇଲେ ହୁଏନା ଶେଷ
ଏ ମୋ ଭାରତ ବରଷ ।
ଗିରି ଶିରୀରୁ ସାଗର
ବିସ୍ତୀର୍ଣ୍ଣ ସୀମା ଯାହାର,
ବକ୍ଷେ ବହେ ଗଙ୍ଗା ଝର
ପ୍ରକୃତି ତା' ଚିର ସୁନ୍ଦର ।
ଗୀତା ଭାଗବତ ଜ୍ଞାନ
ଅନନ୍ୟ ସେ ରାମାୟଣ,
ମହାଭାରତ ପୁରାଣ
ତା' ସଙ୍ଗେ ଷଡ଼ ଦର୍ଶନ ।
ମହର୍ଷି ସେ ବ୍ୟାସଦେବ
ବାଲ୍ମିକୀଙ୍କ ଦିବ୍ୟଭାବ,
ନୀତି ଆଦର୍ଶ ପ୍ରଭାବ
ଆମ ଗର୍ବ ଗଉରବ ।
ଦେବୀ ସୀତା ସାବିତ୍ରୀ
ପୁଣ୍ୟବଳେ ମହାସତୀ,
ଗାଏ ତାଙ୍କ ଜୟଗୀତି
ଆଜି ବି ଆମ ସଂସ୍କୃତି ।
ସୁରବୀର ବରପୁତ୍ର
ନିର୍ମଳ ତାଙ୍କ ଚରିତ୍ର,
ସେବା ତ୍ୟାଗେ ପ୍ରିୟପାତ୍ର
କରେ ମନକୁ ପବିତ୍ର ।
ବାପୁଙ୍କ ସତ୍ୟ ଅହିଂସା
ଆମ ହୃଦ ପରିଭାଷା,
ପ୍ରାଣେ ରାମରାଜ୍ୟ ଆଶା
ଭରେ ବିଶ୍ୱାସ ଭରସା ।
ବ୍ରିଟିଶ ଶକ୍ତିକୁ ଜିଣି
ସ୍ୱାଧୀନତା ଦେଲେ ଆଣି,
ସାରା ବିଶ୍ୱରେ ଅଗ୍ରଣୀ
ଜ୍ଞାନ ଗାରିମାରେ ଗୁଣୀ ।
ତ୍ରିରଙ୍ଗାର ତିନି ରଙ୍ଗ
ବିଶ୍ୱେ ଖେଳାଏ ତରଙ୍ଗ,
ଏକତାକୁ କରି ସାଙ୍ଗ
ଆଶାକୁ କରୁ ପୂର୍ଣ୍ଣାଙ୍ଗ ।
ଭାତୃଭାବ ଆମ ବ୍ରତ
ରଖେ ଆମକୁ ଜାଗ୍ରତ,
ଶାନ୍ତି ମୈତ୍ରୀର ସଙ୍ଗୀତ
ଗାଏ ମୋ ଦେଶେ ଭାରତ ।


+ କୋହି,ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨








## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧୪/୮ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ଅଳ୍ପଦୂର ଅରଡ଼ବଜାର ନିକଟ ରେଳ ଧାରଣାରୁ ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି । ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ । ତାଙ୍କର ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । କୌଣସି ଏକ ଟ୍ରେନ୍‌ରୁ ଖସି ପଡ଼ି ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଉଛି । ଅପଲାଇନ୍ ରେଳ ଧାରଣାରେ ମୃତ ଦେହ ପଡ଼ିଥିବା ଖବରପାଇ ବୁଧବାର ଜିଆରପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ, ୭୧ ।୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । । ଜିଆରପି ଥାନା ପୋଲିସ ତଦନ୍ତ ଜାରି ରଖିଛି ।

## ସଚେନତା ସୃଷ୍ଟି ଓ ସମାଜ କଲ୍ୟାଣ କାର୍ଯ୍ୟରେ ଇଫ୍‌କୋ ଲେଡିଜ୍ କ୍ଲବ୍‌ର ସଫଳତା




ପାରାଦୀପ, ୧୪/୮ (ନି.ପ୍ର): ପାରାଦୀପ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ସଚେତନତା ସୃଷ୍ଟି ଓ ସମାଜ କଲ୍ୟାଣ କାର୍ଯ୍ୟରେ ସଫଳତା ହାସଲ କରିଛି । ଇଫକୋର ପ୍ରଥମ ମହିଳା ରେଖା ଅଓସ୍ତିଙ୍କ ଦୃଢ ନେତୃତ୍ୱ, ଦକ୍ଷତା ଓ ମାର୍ଗଦର୍ଶନରେ ଜ୍ୟୋତି ଲେଡିଜ୍ କ୍ଲବ୍ ଏହି ସଫଳତା ହାସଲ କରିପାରିଛି । ଶ୍ରୀମତୀ ଅଓସ୍ତିଙ୍କ ଉପସ୍ଥିତିରେ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟଉପକରଣ ବଣ୍ଟନ, ନିକଟବର୍ତ୍ତି ଗ୍ରାମର ମହିଳାମାନଙ୍କର ଆବଶ୍ୟକୀୟ ଉପକରଣ ବଣ୍ଟନ କରାଯାଇଛି । ଏଥି ସହିତ ଗୋଶାଳାରେ ଗୋମାତାଙ୍କ ନିମନ୍ତେ ଗୋଖାଦ୍ୟ ବଣ୍ଟନ କରାଯାଇଥିଲା । ସମାଜରୁ ପଲିଥିନ୍ ବ୍ୟବହାର ବନ୍ଦ କରିବା ନିମନ୍ତେ ଏକ ସଚେତନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଲୋକମାନେ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନକରି କପଡା ବ୍ୟାଗ୍ ବ୍ୟବହାର କରିବା ପାଇଁ କପଡାରେ ତିଆରି ବ୍ୟାଗ୍ ପ୍ରଦାନ କରାଯାଇଥିଲା । ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଦସ୍ୟା ଓ କର୍ମକର୍ତା ମାନେ ଜନସାଧାରଣଙ୍କୁ ନିଜ ନିଜ ଘରେ ବଗିଚା ସୃଷ୍ଟି କରିବା ସହିତ କିଚେନ୍ ଗାର୍ଡେନ୍ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ଅସମୟରେ ତଥା ଦୈବି ଦୁର୍ବିପାକ ସମୟରେ ମହିଳାମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପରାମର୍ଶ ଦେଇଥିଲେ ଶ୍ରୀମତୀ ଅଓସ୍ତି । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍, ସମ୍ପାଦିକା ଚନ୍ଦନା ସାହୁଙ୍କ ସମେତ ସଦସ୍ୟାମାନେ ଏବଂ ଇଫକୋ ପାରାଦୀପ ୟୁନିଟ୍ ?ର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଜାତୀୟତା ଓ ଦେଶପ୍ରେମ ଜାଗରଣ ପାଇଁ ସଦର ବିଜେପି ପକ୍ଷରୁ ଅନୁଷ୍ଠିତ ହେଲା ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



ବାଲେଶ୍ୱର, ୧୪/୮ (ନି.ପ୍ର): ୭୮ସ୍ୱାଧୀନତା ଦିବସକୁ ଭବ୍ୟ ଉତ୍ସବ ଭାବେ ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଚାଲିଥିବା 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ଜନସାଧାରଣଙ୍କ ମଧ୍ୟରେ ଜାତୀୟତା ଭାବ ସୃଷ୍ଟି ପାଇଁ ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଶାଖା ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାରବାଟୀ ଠାରୁ ଶୋଭାଯାତ୍ରା ବାହାରି ଥିଲା । ସଦର ବିଧାୟକ ମାନସ କୁମାର ଦତ୍ତ ଏହି ଶୋଭାଯାତ୍ରାର ନେତୃତ୍ୱ ନେବା ସହିତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ରାଷ୍ଟ୍ରୀୟତା ଭାବନା ଜାଗ୍ରତ ସହିତ ଦେଶର ସ୍ୱାଧୀନତା ସଂଗ୍ରାମରେ ମହାମନୀଷଙ୍କ ତ୍ୟାଗ ଓ ବଳିଦାନର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ସେ କହିଥିଲେ । ଏହି ଭଳି ଅଭିଯାନ ଆଗାମୀ ପିଢ଼ିଙ୍କ ମଧ୍ୟରେ ଦେଶମାତୃକାର ପ୍ରିତି ବଢାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏକ ବିଶାଳ ତ୍ରିରଙ୍ଗା ପତାକା ସହ ଆୟୋଜିତ ଏହି ଶୋଭାଯାତ୍ରା ବାଲେଶ୍ୱରବାସୀଙ୍କ ମଧ୍ୟରେ ଦେଶପ୍ରେମ ଭାବର ଜାଗରଣ କରିଛି ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ୫ଶହ ମିଟର ଲମ୍ବର ପତାକାକୁ ଧରି ବିଜେପି କର୍ମୀମାନେ ବାରବାଟୀରୁ ବାହାରୁ ଟାଉନ ଥାନା ଛକ, ସିନେମା ଛକ ଓ ପାଣି ଟାଙ୍କି ଛକ ଦେଇ ଜିଲ୍ଲା ସ୍କୁଲ ପଡିଆରେ ପହଞ୍ଚିବା ପରେ ଏହି ଶୋଭାଯାତ୍ରା ସମାପନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ସୁଜିତ ଦେବ, ବିଭୂପଦ ଦାସ, ସୁଷମା ବିଶ୍ୱାଳ, ସତ୍ୟଶିବ ସୁନ୍ଦର ଦାସ, ନିତ୍ୟ ଗୋପାଳ ସିଂ, ରବିନାରାୟଣ ପ୍ରଧାନ, ଅଶୋକ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ଯୋଗେନ ରଣା, ରାଜେଶ ମହାପାତ୍ର, ଧୀରଜ ମହାନ୍ତି, ମନ୍ମୟ ଦାସ, ମନୋରଞ୍ଜନ ନନ୍ଦି, ପବନ କମିଲା, ସୋଭାଗ୍ୟ ମାନସ ନାୟକ, ଉମେଶ ବେହେରା, ବିଜୟ ପୃଷ୍ଟି, ଅଭୟ ସ୍ୱାଇଁ, ଶ୍ରୀୟା ଦାସ, ସସ୍ମିତା ଦାଶ, ସସ୍ମିତା ଶୁକ୍ଳା, ସୁକାନ୍ତି ଦେବ ଗୋସ୍ୱାମୀ, ଆଶାଲତା ବାଡ଼ି, ନସୀମା ବିବି, ସ୍ୱର୍ଣ୍ଣ ପ୍ରିୟା ନାଥ, କାର୍ତ୍ତିକ ରାଉତ, କାହ୍ନୁ ମହାଳିକ, ପ୍ରହଲ୍ଲାଦ ଦାସ, ପିଣ୍ଟୁ ପାଣିଗ୍ରାହୀ, ଶକ୍ତି ପାଣିଗ୍ରାହୀ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ ।

## ନୀଳଗିରି ଡେପୁଟି କଲେକ୍ଟରଙ୍କ ନୀଳଗିରି ସ୍ଥିତ ଭଡାଘର ସମେତ ୧୨ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ



ନୀଳଗିରି , ୧୪/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଡେପୁଟି କଲେକ୍ଟର ପରୀକ୍ଷିତ ଜେନାଙ୍କ ନୀଳଗିରି ବାଲିଗୋହିରୀ ସ୍ଥିତ ଭଡ଼ାଘର ସମେତ ୧୨ଟି ସ୍ଥାନରେ ବୁଧବାର ସକାଳେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଶ୍ରୀ ଜେନା ୨୦୨୧/୨୨ ଓ ୨୨/୨୩ ବର୍ଷରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ସମୟରେ ଓଡ଼ିଶା ମିନେରାଲ ବିଏରିଙ୍ଗ ଏରିଆ ଡେଭଲପମେଣ୍ଟ କର୍ପୋରେସନରେ ୧କୋଟିରୁ ଉର୍ଦ୍ଧ୍ୱ ପାଣ୍ଠିର ଦୁରୁପଯୋଗ କରି ଅର୍ଥ ଆତ୍ମସାତ ଅଭିଯୋଗରେ ଏହାର ଯାଞ୍ଚ ଏବଂ ପ୍ରମାଣ ସଂଗ୍ରହ ପାଇଁ ଓଡ଼ିଶା ଭିଜିଲାନ୍ସ ତରଫରୁ ରେଡ କରାଯାଇଛି । ଶ୍ରୀ ଜେନାଙ୍କ ଭଡାଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯିବା ସହିତ, ଗୋଟିଏ ସୁଜୁକି କମ୍ପାନିର ଭିଟେରା କାର, ଗୋଟିଏ ବୁଲେଟ ଜବତ କରାଯାଇଛି । ଏହି ଓଏଏସ ଅଧିକାରୀ ଜଣକ ପୂର୍ବରୁ ବହୁ ଦୁର୍ନୀତିରେ ଜଡ଼ିତ ଥିବାର ଅଭିଯୋଗ ହୋଇଥିଲା । ଭିଜିଲାନ୍ସର ୬ଟି ଟିମର ଅଧିକାରୀ ଓଡିଶାର ୧୨ଟି ସ୍ଥାନରେ ଏହି ଚଢାଉ ଜାରି ରହିଥିବା ବେଳେ ନୀଳଗିରି ଠାରେ ଦୁଇଜଣ ଡିଏସପି, ଜଣେ ଇନ୍ସପେକ୍ଟର, ଦୁଇଜଣ ଏଏସଆଇ ଓ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ରହିଥିଲେ । ସର୍ବଶେଷ ସମ୍ବାଦରୁ ଜଣାପଡ଼ିଛି ଯେ ଶ୍ରୀ ଜେନାଙ୍କୁ ଗିରଫ କରାଯାଇଛି ।

## ଓଡ଼ିଶା ଆସିବେ ୫ ମହାବଳ ବାଘ

ଭୁବନେଶ୍ୱର, ୧୪/୮ (ନି.ପ୍ର): ସେପ୍ଟେମ୍ବର ଶେଷ ସୁଦ୍ଧା ଓଡ଼ିଶା ଆସିବେ ୫ ମହାବଳ ବାଘ । ସେଥିରୁ ବରଗଡ଼ ଦେବ୍ରିଗଡ଼ରେ ୩ଟି ଓ ଶିମିଳିପାଳରେ ୨ଟି ମହାବଳ ଛଡ଼ାଯିବ । ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆସିବାକୁ ଥିବା ମହାବଳ ଚିହ୍ନଟ ହୋଇଛନ୍ତି । ଆଇନଗତ ପ୍ରକ୍ରିୟା ସରିଛି । ସପ୍ତାହକ ଭିତରେ ବନ ବିଭାଗର ୨ଟି ଟିମ୍ ମହାବଳ ଆଣିବାକୁ ଯିବେ । ଦେବ୍ରିଗଡ଼ରେ ବାଘ ଗାଁ ଗଣ୍ଡାକୁ ନ ଯିବା ଲାଗି ସୋଲାର ଫେନ୍ସିଂ ହେବ ବୋଲି କହିଛନ୍ତି ପିସିସିଏଫ୍ ।

## ଓଷ୍ଟା ଖଇରା ମଣ୍ଡଳର ଭ୍ରାମ୍ୟମାଣ ବୈଠକ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖଇରା, ୧୪/୮ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଖଇରା ବ୍ଲକ ଡଗରପଡା ପଞ୍ଚାୟତ ଅଧୀନ ମଙ୍ଗଳପଡା ଉପେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାପୀଠ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ସମ୍ବର୍ଦ୍ଧନା ସମାରୋହ ସାଙ୍ଗକୁ ଓଷ୍ଟାର ଭ୍ରାମ୍ୟମାଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୁଧବାର ଅପରାହ୍ନ ରେ ଆୟୋଜିତ କାର୍ଯ୍ୟକ୍ରମରେ ଓଷ୍ଟା ଖଇରା ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲା ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ କୁମାର ପାତ୍ର, ଓଷ୍ଟାର ଅନ୍ୟାନ୍ୟ କର୍ମକର୍ତ୍ତା ଜୟନ୍ତ କୁମାର ପଣ୍ଡା, ଭଗବାନ ବାରିକ, ରଶ୍ମୀରଞ୍ଜନ ଶତପଥି, ମନୋରଞ୍ଜନ ବେହେରା, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତ ମଣ୍ଡଳ ସମ୍ପାଦକ ରବିନ୍ଦ୍ର ମହାନ୍ତି, ଏସ୍‌ଏମ୍‌ସି ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବ୍ଲକର ବିଭିନ୍ନ ହାଇସ୍କୁଲରେ ଅବସରନେଇଥିବା ଶିକ୍ଷୟତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ୧୬ତାରିଖ ଭୁବନେଶ୍ୱର ସମାବେଶକୁ ସଫଳ କରିବାକୁ ବିସ୍ତୃତ ଆଲୋଚନା ଓ ପ୍ରସ୍ତୁତି କରାଯାଇଥିଲା । ଓଷ୍ଟାକୁ ସର୍ବାଧିକ ସଦସ୍ୟ ଦେଇଥିବା ବାଲେଶ୍ୱର



ଜିଲା ପୁଣି ଥରେ ଆନ୍ଦୋଳନରେ ମଧ୍ୟ ଶକ୍ତି ଦେଖାଇବ ବୋଲି ବ୍ଲକ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ଆହ୍ୱାନ ଦେଇ କହିଥିଲେ । ସହକାରୀ ଶିକ୍ଷକ ନରୋତ୍ତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo